# ୩ୟ ଦିନରେ ୧୬୦୦ ଅଫିସରଙ୍କୁ ତାଲିମ

**ଯାଜପୁର/ଯାଜପୁର ଟାଉନ, (ହର୍ଷବର୍ଦ୍ଧନ ବେହେରା/ ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି),୨୭।୪:**

ଯାଜପୁର ଜିଲା ସଦର ମହକୁମାର ନୃସିଂହ ଚୌଧୁରୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଚାଲିଥିବା ତାଲିମ ଶିବିର ଶନିବାର ୩ୟ ଦିନରେ ପହଞ୍ଚିଛି। ଏହି ଦିବସରେ ୧୬୦୦ ଫାଷ୍ଟ ପୋଲିଂ ଓ ପ୍ରିଜାଇଡିଂ ଅଫିସରଙ୍କ ତାଲିମ ପ୍ରଦାନ କରାଯାଇଛି। ଜିଲାପାଳ ନିଖିଲ ପବନ କଲ୍ୟାଣ, ଅତିରିକ୍ତ ଜିଲା ନିର୍ବାଚନ ଅଧିକାରୀ ନବକ୍ରିଷ୍ଣ ଜେନା, ଯାଜପୁର ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଅଶୋକ କୁମାର ବେହୁରିଆ, ଉପଜିଲାପାଳ ଅଂଶୁମାନ ଶତପଥୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଶିବିର ଅନୁଷ୍ଠିତ ହୋଇଛି।

ଡେପୁଟି କଲେକ୍ଟର ରଶ୍ମିରଞ୍ଜନ ମଲ୍ଲିକ, ଶାଶ୍ୱତୀ ସାଡୁଆଳ ଏବଂ ଯାଜପୁର ବିଡିଓ ସ୍ୱାଗତ ଦାସ ଶିବିରକୁ ସଞ୍ଚାଳନ କରିଥିଲେ। ମାଷ୍ଟର ଟ୍ରେନର ଭାବେ ଧର୍ମଶାଳା ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ, ବଡଚଣା ବିଡିଓ ରବୀନ୍ଦ୍ର କୁମାର ପ୍ରଧାନ, ବରୀ ବିଡିଓ ପଞ୍ଚାନନ ମଲ୍ଲିକ, ଧର୍ମଶାଳା ତହସିଲଦାର ଶୁଭଙ୍କର ମହାନ୍ତି, ଦର୍ପଣ ତହସିଲଦାର ମାନସ କୁମାର ତ୍ରିପାଠୀ, ବରୀ ତହସିଲଦାର ସାଇଶ୍ରୀ ଲୋକନାଥ ପ୍ରସାଦ ସେଠୀ, ଧର୍ମଶାଳା ଅତିରିକ୍ତ ତହସିଲଦାର ଭବେଶ ମାଝି, ବରୀ ଅତିରିକ୍ତ ତହସିଲଦାର କଲୋଳା ମିଶ୍ର, ବରୀ ଏବିଡିଓ ମହେଶ୍ୱର ସେଠୀ, ଧର୍ମଶାଳା ଏବିଡିଓ ଅସିତ୍ ପାତ୍ର, ବଡ଼ଚଣା ଏବିଡିଓ ରଞ୍ଜନ ବେହେରାଙ୍କ ସମେତ ଏବିଇଓ, ସହକାରୀ ନିର୍ବାହୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ, ମଙ୍ଗଳ ସଂପ୍ରସାରଣ ଅଧିକାରୀ, ଏପିଓ, ବିଏସ୍ଏସ୍ଓ, ଆର୍ଆଇ ଏବଂ ଆର୍ଏସ୍ ପ୍ରମୁଖ ଯୋଗଦେଇ ତାଲିମ କରିଥିଲେ। ୧୦୮୮ ଫାଷ୍ଟପୁଲିଂ ଓ ପ୍ରିଜାଇଡିଂ ଅଫିସରଙ୍କୁ ରିଫ୍ରେସର ଟ୍ରେନିଂ ଏବଂ ୫୦୧ ନୂତନ ଭାବେ ନିଯୁକ୍ତି ପାଇଥିବା ଫାଷ୍ଟ ପୋଲିଂ ଓ ପ୍ରିଜାଇଡିଂ ଅଫିସର ଏବଂ ଗତ ୨୫ ଓ ୨୬ ତାରିଖରେ ଯେଉଁମାନେ ତାଲିକରେ ଅନୁପସ୍ଥିତ ଥିଲେ ସେମାନଙ୍କୁ ନେଇ ମୋଟ ୧୬୦୦ ଅଧିକାରୀ ତାଲିମ ଗ୍ରହଣ କରିଥିଲେ। ଭୋଟର ଶାନ୍ତିଶୃଙ୍ଖଳାର ସହ ଧାଡି ବାନ୍ଧି ନିର୍ଭିକ ଓ ନିରପେକ୍ଷ ଭାବେ ସାଧାରଣ ନିର୍ବାଚନ ପର୍ବରେ ସାମିଲ ହୋଇ ମତଦାନ ସାବ୍ୟସ୍ତ କରିବାକୁ ଜିଲାପାଳ ଆହ୍ୱାନ ଦେଇଥିଲେ।


ତାଲିମ ଶିବିରରେ ଯୋଗଦେଇଥିବା ଅଧିକାରୀମାନେ।

# ବାରବାଟୀ ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ



**ଚଣ୍ଡିଖୋଲ,୨୭।୪ (ପ୍ରଦୀପ୍ତ କୁମାର ପୃଷ୍ଟି):**

ବଡ଼ଚଣା ବ୍ଲକ ଅନ୍ତର୍ଗତ ପଲେଇ ବାରବାଟୀ ପଡ଼ିଆରେ ତ୍ରୟୋଦଶ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଓ ଧର୍ମ ମହାସଭା ଉଦ୍‌ଯାପିତ ହୋଇଯାଇଛି। ୭ ଦିନ ଧରି ହୋଇଥିବା ଏହି ଯଜ୍ଞରେ ଦୈନିକ ହଜାରହଜାର ସଂଖ୍ୟାରେ ଭକ୍ତ ଯୋଗ ଦେଇଥିଲେ। ୧୨ଜଣ ପଣ୍ଡିତ ଯଜ୍ଞ କାର୍ଯ୍ୟ କରିଥିଲେ। ସୂର୍ଯ୍ୟ ପୂଜା, ଗୋ ପୂଜା, ଧରିତ୍ରୀ ପୂଜା ସହ ବେଦଧ୍ୱନିରେ ପଡ଼ିଆ ପ୍ରକମ୍ପିତ ହୋଇଥିଲା। ସନ୍ଧ୍ୟାରେ ଧର୍ମ ମହାସଭା, ଭଜନ, ଜଣାଣ ଓ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରତିକାନ୍ତ ସାମଲ ଓ ଲକ୍ଷ୍ମୀପ୍ରିୟା ସାମଲ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ନୃସିଂହ ଚରଣ ଜେନା, ଅଲେଖ ପ୍ରସାଦ ସାମଲ, ଦୀନବନ୍ଧୁ ବେହେରା, ପ୍ରସନ୍ନ କୁମାର ପରିଡ଼ା, ବିଧାନ ଚନ୍ଦ୍ର ସାମଲ, ଚନ୍ଦ୍ରମଣି ସାହୁ, ବିକ୍ରମ ପ୍ରଧାନ, ପ୍ରତାପ ସାମଲ, ପ୍ରାଣକୃଷ୍ଣ ଦାସ ଓ ଅକ୍ଷୟ ସାମଲ ପ୍ରମୁଖ କାର୍ଯ୍ୟକର୍ତ୍ତା ଯଜ୍ଞ ପରିଚାଳନାରେ ସହଯୋଗ କରିଥିଲେ।

# କଳାକାର ସମ୍ମାନ ଉତ୍ସବ

**ରସୁଲପୁର,୨୭।୪(ରଂଜିତ ରାଉତ):**

ରସୁଲପୁର ବ୍ଲକ ଅନ୍ତର୍ଗତ ଭୋଟକା ପଞ୍ଚାୟତର ମା’ ହିଙ୍ଗୁଳାଙ୍କ ପୀଠ ସାଂସ୍କୃତିକ ମଞ୍ଚରେ କଳାକାର ସମ୍ମାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ହିଙ୍ଗୁଳା କମିଟିର କାର୍ଯ୍ୟକାରୀ ସଭାପତି ଶଶିଭୂଷଣ ପରିଡାଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ଯାତ୍ରା କଳାକାରମାନଙ୍କୁ ସମ୍ମାନିତ କରାଯାଇଛି। ମୁଖ୍ୟଅତିଥି ଭାବରେ ସ୍ଥାନୀୟ ସରପଞ୍ଚ ସ୍ମୃତିରେଖା ରାଉତ, ସମ୍ମାନିତ ଅତିଥି ସମିତିସଭ୍ୟ ରଞ୍ଜିତ ସାହୁ, କମିଟି ସମ୍ପାଦକ ଶଶିଭୂଷଣ ରାଉତ ପ୍ରମୁଖ ଯୋଗଦେଇ ବରିଷ୍ଠ ଯାତ୍ରା କଳାକାର ମହେଶ୍ୱର ପଣ୍ଡା(ମଇନ ନନା), ଦୈତାରୀ ପଣ୍ଡାଙ୍କୁ ସମ୍ମାନିତ କରିଥିଲେ। ଯେଉଁ ମଞ୍ଚରେ କଳା ପ୍ରଦର୍ଶନ କରି ଲୋକଙ୍କୁ ମନୋରଂଜନ ଯୋଗାଇ ଆସୁଥିଲେ ସେହି ମଞ୍ଚରେ ସମ୍ମାନିତ କରାଯାଇଥିବାରୁ କଳାକାର ଖୁସି ପ୍ରକଟ କରିବା ସହ ପରିଚାଳନା କମିଟିର ଏଭଳି ପଦକ୍ଷେପକୁ ପ୍ରଶଂସା କରିଥିଲେ। କମିଟି ପକ୍ଷରୁ ଅମୀୟ ଭୂଷଣ ପାତ୍ର, ଅନିଲ କୁମାର ସାମନ୍ତରାୟ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିବାରେ ସହଯୋଗ କରିଥିଲେ। କଳାକାରମାନଙ୍କୁ କମିଟି ପକ୍ଷରୁ ମାନପତ୍ର, ଉତ୍ତରୀୟ ଓ ଉପହାର ଦେଇ ସମ୍ମାନିତ କରାଯାଇଥିଲା।


କଳାକାରମାନଙ୍କୁ ସମ୍ମାନିତ କରାଯାଉଛି।

# ଛତିଶଦେବିଲରେ ବିଜେଡି କର୍ମୀ ସମ୍ମିଳନୀ


କର୍ମୀ ସମ୍ମିଳନୀରେ ଯୋଗଦେଇଥିବା ବିଜେଡି ବିଧାୟକ ପ୍ରାର୍ଥୀ ଓ ଅନ୍ୟମାନେ।

**ଯାଜପୁର ସଦର,୨୭।୪ (ସମର ବିଜୟ ଶରଣ):**

ବରୀ ନିର୍ବାଚନମଣ୍ଡଳୀ ଅଧୀନ ଯାଜପୁର ବ୍ଲକ ଛତିଶଦେବିଲ ପଞ୍ଚାୟତର ସାଇ ମନ୍ଦିର ନିକଟରେ ବିଜେଡିର ପଞ୍ଚାୟତସ୍ତରୀୟ କର୍ମୀ ସମ୍ମିଳନୀ ଶନିବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଜେଡି ସଭାପତି ପରେଶ ବିଶ୍ୱାଳଙ୍କ ସଭାପତିତ୍ୱରେ ପୂର୍ବତନ ସରପଞ୍ଚ ଅଶ୍ୱିନୀ ବିଶ୍ୱାଳ ଯୋଗଦେଇ ମଞ୍ଚାସୀନ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଜିଲା ବିଜେଡି ସାଧାରଣ ସମ୍ପାଦକ ଅନିଲ ସାହାଣୀ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ ଦ୍ୱାରା ମନୋନୀତ ପ୍ରାର୍ଥୀ ବିଶ୍ୱରଞ୍ଜନ ମଲ୍ଲିକଙ୍କୁ ସମର୍ଥନ ଜଣାଇବାକୁ କର୍ମୀଙ୍କୁ ଅନୁରୋଧ କରିଥିଲେ। ପଞ୍ଚାୟତର ବହୁ ବିକାଶମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ହେଲେ ସମସ୍ତେ ବିଜେଡି ବିଧାୟକ ପ୍ରାର୍ଥୀ ବିଶ୍ୱରଞ୍ଜନ ମଲ୍ଲିକ ଓ ଲୋକସଭା ପ୍ରାର୍ଥିନୀ ଶର୍ମିଷ୍ଠା ସେଠୀଙ୍କୁ ଜିତାଇବାକୁ କହିଥିଲେ। ବରିଷ୍ଠ ନେତା ତଥା ପଞ୍ଚାୟତର ମୁରବୀ କୁଳମଣି ବିଶ୍ୱାଳ ଯୋଗଦେଇ ପଞ୍ଚାୟତରେ ହୋଇଥିବା ବିଭିନ୍ନ ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ କହିଥିଲେ। ଜିଲା ବିଜେଡି ଉପସଭାପତି ଗଣେଶ ଚନ୍ଦ୍ର ମହାକୁଡ଼ ଯୋଗଦେଇ କର୍ମୀ ସୁସଂଗଠିତ ହୋଇ ସମସ୍ତ ଭେଦଭାବ ଭୁଲି ଐକାବଦ୍ଧ ଭାବେ ବିଶ୍ୱରଞ୍ଜନଙ୍କୁ ଯାଜପୁର ଜିଲାର ସର୍ବାଧିକ ଭୋଟ ବ୍ୟବଧାନରେ ଜିତାଇବାକୁ କର୍ମୀମାନଙ୍କୁ ସଂକଳ୍ପ କରାଇଥିଲେ। ପ୍ରାର୍ଥୀ ବିଶ୍ୱରଞ୍ଜନ ଉପସ୍ଥିତ କର୍ମୀଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ବିଜେଡି ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କୁ ଧନ୍ୟବାଦ ଜଣାଇଥିଲେ। ଏଥିସହିତ ବରୀ ନିର୍ବାଚନମଣ୍ଡଳୀର ଛାତ୍ରୀଛାତ୍ର, ଯୁବତୀଯୁବକ, ମା’ଭଉଣୀ ଓ ମୁରବୀମାନଙ୍କ ଆଶୀର୍ବାଦ ଏବଂ ସହଯୋଗ କାମନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧକ୍ଷା ସ୍ୱର୍ଣ୍ଣଲତା ପରିଡ଼ା, ଅଶୋକ ମହାନ୍ତି, ୩୧ ନମ୍ବର ଜୋନ ଜିଲା ପରିଷଦ ସଭ୍ୟ ବିନୋଦ ମାଝି, ସ୍ଥାନୀୟ ସରପଞ୍ଚ ବେବିନା ମଲ୍ଲିକ, ପ୍ରଫୁଲ୍ଲ ପରିଡ଼ା, ପ୍ରଫୁଲ୍ଲ ବିଶ୍ୱାଳ, ନୀଳମଣି ବିଶ୍ୱାଳ, ବାବନ ବିଶ୍ୱାଳ, ଦେବେନ୍ଦ୍ର ବିଶ୍ୱାଳ, ପ୍ରେମାନନ୍ଦ ବିଶ୍ୱାଳ, ଦିବ୍ୟରଞ୍ଜନ ସାହୁ, ପ୍ରଣବ ବିଶ୍ୱାଳ ଓ ମଧୁସୂଦନ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ। ସଭାରେ ଶତାଧିକ କର୍ମୀ ଉପସ୍ଥିତ ଥିଲେ। ସରପଞ୍ଚ ମଲ୍ଲିକ ଧନ୍ୟବାଦ ଦେଇଥିଲେ।

# ଗୋଷ୍ଠୀ ସଂଘର୍ଷ ମାମଲା, ଉଭୟ ପକ୍ଷରୁ ୪ ଗିରଫ

**ରସୁଲପୁର,୨୭।୪(ରଂଜିତ ରାଉତ):**

କୁଆଖିଆ ଥାନା ଅନ୍ତର୍ଗତ କଲଣ ପଞ୍ଚାୟତ ନୂଆହାଟ ଗ୍ରାମରେ ଘଟିଥିବା ଗୋଷ୍ଠୀ ସଂଘର୍ଷ ମାମଲାରେ ପୋଲିସ ଉଭୟ ପକ୍ଷରୁ ୪ଜଣଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ସବର୍ଣ୍ଣ ଗୋଷ୍ଠୀର ମାନସ ଦାଶ, ଜଗବନ୍ଧୁ ଦାଶ ଓ ଅସବର୍ଣ୍ଣ ଗୋଷ୍ଠୀର ରମେଶ ଗୁରୁ ଓ ଗୋବର୍ଦ୍ଧନ ଗୁରୁ।

ଚଳିତମାସ ୨୫ ତାରିଖରେ ଗାଁ ଠାକୁରାଣୀଙ୍କ ପାଖରେ ଯଜ୍ଞ ପାଳନ ଅବସରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ନେଇ ଆକ୍ଷେପମୂଳକ ମନ୍ତବ୍ୟରୁ ଗାଁର ସବର୍ଣ୍ଣ ଓ ଅସବର୍ଣ୍ଣ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଉପୁଜିଥିଲା। ଗଣ୍ଡଗୋଳରେ ଉଭୟ ପକ୍ଷରୁ ବହୁ ଲୋକ ଆହତ ହୋଇଥିଲେ। ଉକ୍ତ ଘଟଣାକୁ ନେଇ ଥାନାରେ ପକ୍ଷମାନଙ୍କ ତରଫରୁ ୨ଟି ପୃଥକ ଅଭିଯୋଗ ହୋଇଥିଲା। ଅଭିଯୋଗ ଆଧାରରେ ପୋଲିସ ଦୁଇଟି ମାମଲା ରୁଜୁ କରିବା ସହ ୪ଜଣଙ୍କୁ ଅଟକ ରଖି ପଚରାଉଚରା କରିଥିଲା। ଗାଁରେ ଚାପା ଉତ୍ତେଜନା ଲାଗି ରହିଥିବା ଜଣାଯାଇଛି। ଅଞ୍ଚଳରେ ଶାନ୍ତିଶୃଙ୍ଖଳା ବଜାଇ ରଖିବା ପାଇଁ ପୋଲିସ ପକ୍ଷରୁ ଫୋର୍ସ ମୁତୟନ କରାଯାଇଛି। ଅସବର୍ଣ୍ଣଙ୍କ ପକ୍ଷରୁ ହୋଇଥିବା ଅଭିଯୋଗକୁ ଏସଡିପିଓ ସଂଜୟ ପଟ୍ଟନାୟକ ତଦନ୍ତ କରୁଥିବାବେଳେ ସାଧାରଣ ବର୍ଗର ଲୋକଙ୍କ ପକ୍ଷରୁ ହୋଇଥିବା ଅଭିଯୋଗର ତଦନ୍ତ ଭାର ଏସ.ଆଇ ଦୁଷ୍ମନ୍ତ ଦାସଙ୍କ ଉପରେ ନ୍ୟସ୍ତ କରାଯାଇଛି।

# ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସରେ ପ୍ରମିଳା ପାତ୍ର

**କେନ୍ଦ୍ରାପଡ଼ା,୨୭।୪(ଜଗନ୍ନାଥ ଧଳ)**



କେନ୍ଦ୍ରାପଡା ବ୍ଲକ ଓସ୍ତପୁର ପଞ୍ଚାୟତ କୁଶଳପୁର ଗ୍ରାମର ପ୍ରଭଞ୍ଜନ ନାୟକଙ୍କ ସ୍ତ୍ରୀ ପ୍ରମିଳା ପାତ୍ର ଇଣ୍ଡିଆ ବୁକ ଅଫ୍ ରେକର୍ଡସରେ ସ୍ଥାନ ପାଇଛନ୍ତି । ସେ ସୀମିତ ସମୟ ମଧ୍ୟରେ ବି ହାପି ଫର ଦିସ୍ ମୋମେଣ୍ଟ, ଦିସ ମୋମେଣ୍ଟ ଇଜ ୟୋର୍ସକୁ ୫୦ ପ୍ରକାର ଭଙ୍ଗୀରେ ଲେଖି ପ୍ରମାଣ ପତ୍ର ପାଇଛନ୍ତି। ଏ ସମ୍ପର୍କରେ ସେ କହିଛନ୍ତି, ବୁକ୍ ଅଫ୍ ରେକର୍ଡସରେ ସ୍ଥାନ ପାଇବା ପାଇଁ ନିଜର କଣ୍ଟେଣ୍ଟ୍ ବାଛିଥିଲେ । ଏନେଇ ବହୁ ପରିଶ୍ରମ ପରେ ସଫଳତା ମିଳିଥିବାରୁ ଖୁସି ଅଛନ୍ତି। ତାଙ୍କର ଏହି କୃତୀତ୍ୱ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେବା ସହ ମାନ୍ୟଗଣ୍ୟ ବ୍ୟକ୍ତିମାନେ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ୧୨୦ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ, ମହିଳା ଗିରଫ

**ବାଲେଶ୍ୱର,୨୭।୪(ମାନସ ବିଶ୍ୱାଳ)**

ବାଲେଶ୍ୱର ଜିଲା ସହଦେବଖୁଣ୍ଟା ଥାନା ଅଧୀନ ଅରଡ଼ବଜାରସ୍ଥିତ ମସଜିଦ୍ ଗଳିରୁ ଜଣେ ମହିଳାଙ୍କଠାରୁ ପୋଲିସ ୧୨୦ ଗ୍ରାମ୍ ଓଜନର ବ୍ରାଉନ୍‌ସୁଗାର ଜବତ କରିବା ସହ ଉକ୍ତ ମହିଳାଙ୍କୁ ଗିରଫ କରିଛି। ସହଦେବଖୁଣ୍ଟା ପୋଲିସ ମସଜିଦ୍ ଗଳିର ଜଣେ ୫୦ ବର୍ଷୀୟ ମହିଳାଙ୍କ ଘରେ ଚଢ଼ାଉ କରିଥିଲା। ମହିଳାଜଣକ ଠାରୁ ୧୨୦ ଗ୍ରାମ୍ ଓଜନର ବ୍ରାଉନ୍‌ସୁଗାର ଜବତ କରାଯାଇଥିଲା। ଯାହାର ଆନୁମାନିକ ମୂଲ୍ୟ ୧୨ଲକ୍ଷ ଟଙ୍କା। ଏନେଇ ସହଦେବଖୁଣ୍ଟା ଥାନାରେ ମାମଲା (ନଂ. ୧୬୪/୨୪) ୨୧(ବି) ଏନ୍‌ଡିପିଏସ୍ ଆକ୍ଟ ରୁଜୁ କରାଯାଇ ଅଭିଯୁକ୍ତ ମହିଳାଙ୍କୁ ଶନିବାର କୋର୍ଟଚାଲାଣ କରାଯାଇଛି। ଏନେଇ ଅଧିକ ତଦନ୍ତ ଜାରି ରହିଥିବା ସହଦେବଖୁଣ୍ଟା ଥାନା ସବ୍‌ଇନ୍ସପେକ୍ଟର ମମତା ସିଂହ ସୂଚନା ଦେଇଛନ୍ତି।

# ଓଡ଼ିଶା ଡ୍ରାଇଭର ମହାସଂଘ ତରଫରୁ ଜଳଛତ୍ର



**ରସୁଲପୁର,୨୭।୪(ରଂଜିତ ରାଉତ):**

ଓଡ଼ିଶା ଡ୍ରାଇଭର ମହାସଂଘର ନିର୍ଦ୍ଦେଶକ୍ରମେ ପ୍ରତ୍ୟେକ ଜିଲା ଏବଂ ବ୍ଲକ ୟୁନିଟ ତରଫରୁ ବିଭିନ୍ନ ସ୍ଥାନରେ ଜଳଛତ୍ର ଖୋଲାଯାଇଛି। ପ୍ରଚଣ୍ଡ ରୌଦ୍ରତାପ ଓ ଗୁଳୁଗୁଳିକୁ ଦୃଷ୍ଟିରେ ରଖି ସଂଘ ତରଫରୁ ଯାଜପୁର ଜିଲାର ଏକାଧିକ ସ୍ଥାନରେ ଜଳଛତ୍ର ଖୋଲା ଯାଇଥିବା ସୂଚନା ମିଳିଛି। ଏହିକ୍ରମରେ ଚଳିତ ବର୍ଷ ରସୁଲପୁର ବ୍ଲକ ୟୁନିଟ ତରଫରୁ ବ୍ରହ୍ମବରଦା ପଞ୍ଚାୟତ ହାଟ ଦୁର୍ଗା ମନ୍ଦିର ନିକଟରେ ଏକ ଜଳଛତ୍ର କେନ୍ଦ୍ର ଖୋଲାଯାଇଛି। ଏହି ସ୍ଥାନରେ ରୌଦ୍ରତାପ ଜାରି ରହିଥିବା ପର୍ଯ୍ୟନ୍ତ ଜଳଛତ୍ର ସେବା ଚାଲୁରହିବ ବୋଲି ରସୁଲପୁର ୟୁନିଟର ବ୍ଲକ ସଭାପତି ପ୍ରଦୀପ ଦାସ ସୂଚନା ଦେଇଛନ୍ତି। ଅନୁଷ୍ଠାନ ତରଫରୁ ପଞ୍ଚାୟତ ଆଡମିନ କୃଷ୍ଣଚନ୍ଦ୍ର ଦାସ, ବାବୁ ରାଉତଙ୍କ ସମେତ ସଭ୍ୟ ପ୍ରଶାନ୍ତ ଦାସ, ଅମରେନ୍ଦ୍ର ଗିରି ଓ ରଞ୍ଜିତ ଓଝା ପ୍ରମୁଖ ଜଳଛତ୍ରକୁ ପରିଚାଳନା କରୁଛନ୍ତି।

# ବରିଷ୍ଠ ନାଗରିକଙ୍କ ବୈଠକ


ବୈଠକରେ ଯୋଗଦେଇଥିବା ବରିଷ୍ଠ ନାଗରିକମାନେ।

**ଧର୍ମଶାଳା,୨୭।୪(ବଟକୃଷ୍ଣ ପରିଡ଼ା):**

ଧର୍ମଶାଳା ବ୍ଲକ୍ ଜାରକା ପଞ୍ଚାୟତ ଉତ୍ତର ଶାସନ(ମାଙ୍କଡ଼ଖାଇ) ଗ୍ରାମରେ ବରିଷ୍ଠ ନାଗରିକଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜାରକା ସରପଞ୍ଚ ସୁଦାମ ଚରଣ ବେହେରା ବୈଠକକୁ ଉଦ୍‌ଘାଟନ କରିଥିଲେ। କୃଷକ ନେତା ଉଦ୍ଧବ ଚରଣ ବିଶ୍ୱାଳଙ୍କ ଆବାହକତ୍ୱରେ ୱାର୍ଡସଭ୍ୟ ସୁକାନ୍ତ କୁମାର ବେହେରା, ପୂର୍ବତନ ୱାର୍ଡସଭ୍ୟ ମାଗୁଣି ଚରଣ ବାରିକ, ବରିଷ୍ଠ ନାଗରିକ ଭିକାରି ଚରଣ ମଲିକ, ଗୋପବନ୍ଧୁ ବାରିକ, ଗୋପୀନାଥ ସାହୁ, ନାରାୟଣ ବିଶ୍ୱାଳ, ରବୀନ୍ଦ୍ର ବାରିକ, ଅନନ୍ତ ଚରଣ ପ୍ରଧାନ, ଚୈତନ୍ୟ ପଲେଇ, ଲକ୍ଷ୍ମୀଧର ସାହୁ, ବୈରାଗୀ ପଲେଇ, ତନୁ ସାହୁ, ନାରାୟଣ ନାୟକ, ଶ୍ୟାମସୁନ୍ଦର ସାହୁ, ରାଧୁ ବେହେରା, କାହ୍ନୁ ସାହୁ, ଅଜୟ କୁମାର ବାରିକ, ଶାନ୍ତିଲତା ବେହେରା, ଚଞ୍ଚଳି ବେହେରା ଓ କେତକୀ ବେହେରା ଯୋଗଦେଇ ସେମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ରାସ୍ତଘାଟ ସଫେଇ, ଗ୍ରାମକୁ ବାହ୍ୟ ମଳମୁକ୍ତ କରିବା, ଚାରାରୋପଣ ଓ ନିଶାମୁକ୍ତ କରିବା ପାଇଁ ଯୁବପିଢ଼ିଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା। ଏହି ଅବସରରେ ଦିବଂଗତ ସଦସ୍ୟ କଳ୍ପତରୁ ସାମଲ, ବାଇଧର ମହାରଣା, ରାମଚନ୍ଦ୍ର ସାମଲ, ବିଷ୍ଣୁଚରଣ ସାହୁ, ନଣ୍ଡା ମଲିକ, ଧନେଶ୍ୱର ପ୍ରଧାନ, ଅନୁ ସାହୁ, ରଘୁନାଥ ବାରିକ, ଜେମା ଖଟୁଆ, କଞ୍ଚନ ଦାସ, ମଲ୍ଲି ମଲିକ, ଦେବକୀ ବେହେରା, ମୁଷି ସାହୁ ଓ ଭାରତୀ ବିଶ୍ୱାଳଙ୍କ ପାଇଁ ସମବେତ ନୀରବ ପ୍ରାର୍ଥନା କରାଯାଇଥିଲା। ବରିଷ୍ଠ ନାଗରିକ ଉଦ୍ଧବ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

# ଗୋଚାଲାଣ ବନ୍ଦ ହେଉନି

**କାଳିଆପାଣି,୨୭।୪(ଅସିତ ମହାନ୍ତ):**

କାଳିଆପାଣି ଖଣି ଅଞ୍ଚଳରେ ଗୋଚାଲାଣ ବନ୍ଦ ହେଉନାହିଁ। ବେପାରୀମାନେ ପ୍ରତି ଶୁକ୍ରବାର ଓ ଶନିବାର ଶହଶହ ଗୋରୁଙ୍କୁ ବେଧଡକ ଭାବେ ଚାଲାଣ କରୁଛନ୍ତି। ହେଲେ ସେମାନଙ୍କୁ ଲଗାମ ଦେବାକୁ କେହି ନ ଥିବା ଦେଖିବାକୁ ମିଳୁଛି। ଗୋଚାଲାଣ ନେଇ ଖବର ପ୍ରକାଶ ପରେ କିଛି ଦିନ ଏହା ବନ୍ଦ ରହିଥିଲା। ହେଲେ ୨୭ ତାରିଖ ଶନିବାର ୧୦୦ରୁ ଊର୍ଦ୍ଧ୍ୱ ଗୋରୁଙ୍କୁ କଲରଙ୍ଗି ଢ଼ାବା ଛକ ଦେଇ ଟମକା-ମଙ୍ଗଳପୁର ରାସ୍ତାରେ ୫ଜଣ ଲୋକ ଘଉଡାଇ ନେଉଥିବା ଦେଖା ଯାଇଛି। ଶହଶହ ଗୋରୁଙ୍କୁ ହାଟରୁ କିଣି ନିକଟ ଗାଁରେ ରଖି ତା ପର ଦିନ ଯାଜପୁର, ଢେଙ୍କାନାଳ ଓ କେନ୍ଦୁଝର ଜିଲାର ସୀମାନ୍ତ ରାସ୍ତାରେ ଚଲାଇ ଚଲାଇ ନେଉଛନ୍ତି।

ବେପାରୀମାନେ ଶୁକ୍ରବାର ଢେଙ୍କାନାଳ ଜିଲାର ଜିରାଳ ଓ ଯାଜପୁର ଜିଲାର ସୁକିନ୍ଦା ହରିପୁର ହାଟରୁ ଗୋରୁ କିଣି ଚିଙ୍ଗୁଡ଼ିପାଳ ନଗଡ଼ା ପାହାଡ ଦେଇ କେନ୍ଦୁଝର ଜିଲାର ପଲାସପାଳ ଅଞ୍ଚଳକୁ ନେଇଥାନ୍ତି। ସେଠାରୁ କଲିକତା ଚାଲାଣ କରିଥାନ୍ତି। ଅମାନୁଷିକ ଭାବେ ଗୋରୁଙ୍କୁ ହଳବାନ୍ଧି ଗୋଡ଼କୁ ଛନ୍ଦି ନେଉଛନ୍ତି। ଏହାକୁ କେତେଜଣ ବଜରଙ୍ଗ ଦଳ କର୍ମୀ ବିରୋଧ କରୁଛନ୍ତି। ଆଗାମୀ ଦିନରେ ସେମାନେ ଗୋରୁପଲଙ୍କୁ ଅଟକ ରଖିବେ ବୋଲି ଚେତାବନୀ ଦେଇଛନ୍ତି। ତେବେ ସମ୍ପୃକ୍ତ ରାସ୍ତା ଦେଇ ବେଆଇନ ଭାବେ ବେପାରୀ ଗୋଚାଲାଣ କରୁଥିବାବେଳେ କାହିଁକି ପୋଲିସ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ ତାହା ଲୋକଙ୍କ ମନରେ ସନ୍ଦେହ ସୃଷ୍ଟି କରିଛି। ଏନେଇ କାଳିଆପାଣି ପୋଲିସର ପ୍ରତିକ୍ରିୟା ମିଳି ପାରିନାହିଁ।


ଟମକା-ମଙ୍ଗଳପୁର ରାସ୍ତାରେ ଗୋଚାଲାଣ କରାଯାଉଛି।

# ଅଙ୍ଗନୱାଡି କର୍ମୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଶୂନ

## ଜାଲ୍ ଭିନ୍ନକ୍ଷମ ପ୍ରମାଣପତ୍ର ଦେଇ ନିଯୁକ୍ତି ମାମଲା

■ କ୍ରାଇମବ୍ରାଞ୍ଚ ତଦନ୍ତ ରିପୋର୍ଟ ଓ ଥାନା ଚିଠି ସତ୍ତ୍ୱେ ଚୁପ ବସିଛନ୍ତି

■ ସିଡିପିଓ ଏବଂ ଉପଜିଲାପାଳଙ୍କ କଥାରେ ତାଳମେଳ ରହୁନି

ଜଗତ୍‌ସିଂହପୁର, ୨୭।୪ (ପ୍ରମୋଦ କୁମାର ନାୟକ)

୨୦୧୦ରେ ତିର୍ତ୍ତୋଲ ବ୍ଲକ ପୁଟିଙ୍ଗ ଗ୍ରାମ ଅଧୀନ ୪ନଂ. ୱାର୍ଡରେ ଅଙ୍ଗନୱାଡି କେନ୍ଦ୍ର-୨ ଖୋଲା ଯାଇଥିଲା। କିନ୍ତୁ ଏହି କେନ୍ଦ୍ରରେ ଜାଲ୍ ଭିନ୍ନକ୍ଷମ ପ୍ରମାଣପତ୍ର ବଳରେ ଅଙ୍ଗନୱାଡି କର୍ମୀ ନିଯୁକ୍ତି ହୋଇଥିବା ଅଭିଯୋଗ ହୋଇଥିଲା। ଏହା ଉପରେ ହାଇକୋର୍ଟଙ୍କ ହସ୍ତକ୍ଷେପ ପରେ କ୍ରାଇମବ୍ରାଞ୍ଚ ତଦନ୍ତ କରିଥିଲା। ତଦନ୍ତ ରିପୋର୍ଟରେ ଜାଲ୍ ଭିନ୍ନକ୍ଷମ ସାର୍ଟିଫିକେଟ ବଳରେ ଅଞ୍ଜନା ସ୍ୱାଇଁ ଅଙ୍ଗନୱାଡି କର୍ମୀ ଭାବେ ନିଯୁକ୍ତି ପାଇଥିବା ଦର୍ଶାଯାଇ ତିର୍ତ୍ତୋଲ ଥାନାକୁ ଅବଗତ କରାଯାଇଥିଲା। କ୍ରାଇମବ୍ରାଞ୍ଚର ଆପରାଧିକ ତଦନ୍ତ ବିଭାଗ ଇନିସ୍ପେକ୍ଟର ପ୍ରିୟଦର୍ଶିନୀ ଖଟୁଆଙ୍କ ରିପୋର୍ଟ ଆଧାରରେ ତିର୍ତ୍ତୋଲ ଥାନା ପକ୍ଷରୁ ଦଫା ନଂ.୪୨୦/୪୬୮/୪୭୧ ଆଇପିସିରେ ମାମଲା (ନଂ.୧୫୮/୪-୪-୨୩ )ରୁଜୁ କରାଯାଇ ତଦନ୍ତ ହୋଇଥିଲା। କ୍ରାଇମବ୍ରାଞ୍ଚ ତଦନ୍ତ ରିପୋର୍ଟର ସତ୍ୟତା ଥିବାରୁ ଅଞ୍ଜନାଙ୍କ ବିରୋଧରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନେବାକୁ ତିର୍ତ୍ତୋଲ ପୋଲିସ ପକ୍ଷରୁ ସିଡିପିଓଙ୍କୁ ୪।୧।୨୪ରେ ଅବଗତ କରାଯାଇଥିଲା। କିନ୍ତୁ ଏ ପର୍ଯ୍ୟନ୍ତ ଅଭିଯୁକ୍ତ ଅଞ୍ଜନାଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା ନାହିଁ। ଉଚ୍ଚ ନ୍ୟାୟାଳୟଙ୍କ ହସ୍ତକ୍ଷେପ, କ୍ରାଇମବ୍ରାଞ୍ଚ ଓ ତିର୍ତ୍ତୋଲ ପୋଲିସ ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ନେବାକୁ ଚିଠି ସତ୍ତ୍ୱେ କାହା ଚାପରେ ଜଣେ ଅଙ୍ଗନୱାଡି କର୍ମୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉନି ସେନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି।

ନୂଆକରି ଅଙ୍ଗନୱାଡି କେନ୍ଦ୍ର ପ୍ରତିଷ୍ଠା ବେଳେ ଅଙ୍ଗନୱାଡି କର୍ମୀ ନିଯୁକ୍ତି ନେଇ ଏକାଧିକ ଆବେଦନ କରିଥିଲେ। ସେତେବେଳେ ନିଯୁକ୍ତି ସଂକ୍ରାନ୍ତରେ କେତେକ ସରକାରୀ ନିର୍ଦ୍ଦେଶନାମା ଜାରି କରାଯାଇଥିଲା। ଯେଉଁମାନେ ମାଟ୍ରିକ ପାସ୍ ସହିତ ଉଚ୍ଚ ଶିକ୍ଷା ଲାଭ କରିଥିବେ ସେମାନଙ୍କୁ ଅଧିକ ୫ ପ୍ରତିଶତ ନମ୍ବର ମିଳିବା ବ୍ୟବସ୍ଥା ହୋଇଥିଲା। କେବଳ ଏତିକି ନୁହେଁ,ଶାରୀରିକ ଭିନ୍ନକ୍ଷମ ହୋଇଥିଲେ ଆଉ ୫ ପ୍ରତିଶତ ନମ୍ବର ଦିଆଯିବା ଘୋଷଣା ହୋଇଥିଲା। ଏହି ଆଧାରରେ ପୁଟିଙ୍ଗ ଗ୍ରାମର ଅନୀତା ପରିଡ଼ା ମାଟ୍ରିକରେ ୫୯.୪୬%, ଓ ସ୍ନାତକ କରିଥିବାରୁ ଆଉ ୫ ପ୍ରତିଶତ ସହ ସର୍ବମୋଟ ୬୪.୪୬% ମାର୍କ ପାଇଥିଲେ। ଯେହେତୁ ଅନୀତା ସର୍ବୋଚ୍ଚ ନମ୍ବର ରଖିଥିଲେ, ତେଣୁ ସେ ଅଙ୍ଗନୱାଡି କର୍ମୀ ଭାବେ ନିଯୁକ୍ତି ପାଇବା କଥା। କିନ୍ତୁ ତତ୍କାଳୀନ ତିର୍ତ୍ତୋଲ ବ୍ଲକ ସିଡିପିଓ ଅନୀତାଙ୍କ ପରିବର୍ତ୍ତେ ପୁଟିଙ୍ଗ ଗ୍ରାମର ଅଞ୍ଜନା ସ୍ୱାଇଁଙ୍କୁ ଏହି ପଦବୀରେ ନିଯୁକ୍ତି ଦେଇଥିଲେ। ଏହି ନିଷ୍ପତ୍ତିକୁ ବିରୋଧ କରି ଅନୀତା ପ୍ରଥମେ ଜଗତ୍‌ସିଂହପୁର ଜିଲା ଓ ଦୌରା ଜଜ୍‌ଙ୍କ କୋର୍ଟ ଓ ପରେ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ ସୁଦ୍ଧା ସଫଳ ହୋଇ ନ ଥିଲେ। ପରବର୍ତ୍ତୀ ସମୟରେ ଅର୍ଥାତ୍ ୨୦୨୧ରେ ଗୋପାଳପୁର ଗ୍ରାମ ପଞ୍ଚାୟତର କିଛି ଲୋକ ଏହି ପ୍ରସଙ୍ଗରେ ଦୁର୍ନୀତି ନିବାରଣ ବିଭାଗ ଆରକ୍ଷୀ ମହାନିର୍ଦ୍ଦେଶକଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହାସତ୍ତ୍ୱେ କୌଣସି ସୁଫଳ ମିଳି ନ ଥିଲା। ଶେଷରେ ପ୍ରଭାତ କୁମାର ସ୍ୱାଇଁ ଓ ଅନ୍ୟ ୧୦ଜଣ ବ୍ୟକ୍ତି ହାଇକୋର୍ଟର ଆଶ୍ରୟ ନେଇଥିଲେ। ଏହାପରେ କୋର୍ଟରେ ସିଆର୍‌ଏଲ୍‌ଏମ୍‌ପି ନଂ. ୧୯୭୦/୨୧ ରୁଜୁ ସହ ୮ ସପ୍ତାହ ଭିତରେ ତଦନ୍ତ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ପରବର୍ତ୍ତୀ ସମୟରେ ଭିଜିଲାନ୍ସ ଏହି ମାମଲାକୁ କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର କରିଥିଲା। ଦୀର୍ଘ ୧୧ ବର୍ଷ ପରେ ଅର୍ଥାତ୍ ୨୦୨୧ରେ କ୍ରାଇମବ୍ରାଞ୍ଚର ଏକ ଦଳ ପୁଟିଙ୍ଗ ଗ୍ରାମରେ ପହଞ୍ଚି ତଦନ୍ତ କରିଥିଲା। ୧୩।୬।୨୨ରେ ମୁଖ୍ୟ ଅଭିଯୋଗକାରୀ ପ୍ରଭାତଙ୍କୁ କ୍ରାଇମବ୍ରାଞ୍ଚ ଅପରାଧିକ ତଦନ୍ତ ବିଭାଗ ପକ୍ଷରୁ ତଦନ୍ତ ରିପୋର୍ଟ ମଧ୍ୟ ଅବଗତ କରାଯାଇଥିଲା। ଏଥିରେ ତିର୍ତ୍ତୋଲ ସିଡିପିଓଙ୍କ ପକ୍ଷରୁ ପ୍ରଦାନ କରାଯାଇଥିବା ଅଙ୍ଗନୱାଡି କର୍ମୀ ଅଞ୍ଜନାଙ୍କ ଭିନ୍ନକ୍ଷମ ସାର୍ଟିଫିକେଟ ଠିକ୍ ନୁହେଁ ବୋଲି ସ୍ପଷ୍ଟ କରାଯାଇଥିଲା। ତା'ପରେ କ୍ରାଇମବ୍ରାଞ୍ଚ ଏସ୍‌ପିଙ୍କ ପକ୍ଷରୁ ଚିଠି( ନଂ. ୪୫୪୬/୨୯.୩.୨୩)ରେ ତିର୍ତ୍ତୋଲ ଥାନା ଭାରପ୍ରାପ୍ତ ଥାନା ଅଧିକାରୀଙ୍କୁ ଅନୁସନ୍ଧାନ ରିପୋର୍ଟ ପ୍ରଦାନ ସହ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହାର ୧ ବର୍ଷ ପରେ ଅର୍ଥାତ୍ ୪।୧।୨୪ରେ ତିର୍ତ୍ତୋଲ ଥାନା ପକ୍ଷରୁ ସିଡିପିଓ ତିର୍ତ୍ତୋଲଙ୍କୁ ଅଞ୍ଜନାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଚିଠି ହୋଇଥିଲା। କିନ୍ତୁ ଏହା ଭିତରେ ୩ ମାସ ଅତିକ୍ରାନ୍ତ ହୋଇଯାଇଥିଲେ ସୁଦ୍ଧା ତିର୍ତ୍ତୋଲ ସିଡିପିଓ କୌଣସି କାର୍ଯ୍ୟାନୁଷ୍ଠାନ ନେଇନାହାନ୍ତି। ଏଠାରେ ପ୍ରଶ୍ନ ଉଠୁଛି ଏତେ ସବୁ ସତ୍ତ୍ୱେ କାହା ଚାପରେ କାର୍ଯ୍ୟାନୁଷ୍ଠାନରେ ବିଳମ୍ବ ହେଉଛି। ଏ ସମ୍ପର୍କରେ ସିଡିପିଓ ମାଳତୀ ମାରାଣ୍ଡିଙ୍କୁ ପଚାରିବାରୁ ସେ କହିଥିଲେ, ଗତ ଜାନୁଆରୀରେ ସେ ନୂଆକରି ଯୋଗ ଦେଇଛନ୍ତି। ତଥାପି ଫାଇଲଟି ପଢି ପାଖାପାଖି ୨ ମାସ ପୂର୍ବରୁ ଅଧକ୍ଷ ତଥା ଉପଜିଲାପାଳ ପ୍ରଦୀପ ସାହୁଙ୍କୁ ଏହା ଉପରେ ଶୁଣାଣି କରି ନିଷ୍ପତ୍ତି ନେବାକୁ ଚିଠି କରିଛନ୍ତି। କିନ୍ତୁ ଏ ପର୍ଯ୍ୟନ୍ତ କୌଣସି ନିର୍ଦ୍ଦେଶ ଆସିନାହିଁ। ଯେହେତୁ ଉପଜିଲାପାଳଙ୍କ ବିନା ଅନୁମତିରେ କାହାରି ଉପରେ କାର୍ଯ୍ୟାନୁଷ୍ଠାନ ନେବା ସମ୍ଭବ ନୁହେଁ ତେଣୁ ଅପେକ୍ଷା କରାଯାଇଥିବା କହିଛନ୍ତି। କିନ୍ତୁ ଉପଜିଲାପାଳ ପ୍ରଦୀପ ଏ ସମ୍ପର୍କରେ ତାଙ୍କ ପାଖରେ କୌଣସି ଚିଠି ନ ଥିବା ସ୍ପଷ୍ଟ କରିଛନ୍ତି। ସେ କହିଛନ୍ତି, ତାଙ୍କ ପାଖକୁ ଆସୁଥିବା ଚିଠିଗୁଡିକ ସେ ୧ ସପ୍ତାହ ଭିତରେ ଡିସପୋଜଅପ୍ କରିଥାନ୍ତି। ତଥାପି ଆଉ ଥରେ ଦେଖିବା ସହ ସିଡିପିଓଙ୍କ ସହ ଆଲୋଚନା କରି ପରବର୍ତ୍ତୀ ପଦକ୍ଷେପ ନେବେ ବୋଲି କହିଛନ୍ତି।

# ଜାତୀୟ ହକି ଖେଳରେ ଅମ୍ପାୟରିଂ ପାଇଁ ପାରାଦୀପରୁ ୩ ଛାତ୍ର ମନୋନୀତ




ଜାତୀୟ ହକି ଖେଳରେ ଅମ୍ପାୟରିଂ ପାଇଁ ମନୋନୀତ ହୋଇଥିବା ୩ ଛାତ୍ର।

ପାରାଦୀପ ୨୭।୪(ଶରତ ରାଉତ)

ପିପିଏଲ୍ ଡିଏଭି ସ୍କୁଲ ପରିସରରେ ତୃଣମୂଳସ୍ତରୀୟ ହକି ଖେଳ ପାଇଁ ୩ ଦିନିଆ ଶିବିର ଆୟୋଜନ କରାଯାଇଥିଲା। ସେଥିରେ ଜଗତ୍‌ସିଂହପୁର ଜିଲାରୁ ୩ ଜଣ ଛାତ୍ର ଜାତୀୟ ହକି ଖେଳରେ ଅମ୍ପାୟରିଂ ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେମାନେ ହେଲେ ସମ୍ବିତ ସାମଲ, ନିଖିଳ କୁମାର ରାଉତ, ଅମରଜିତ୍ ସାହୁ। ଏହି ୩ ଜଣ ସ୍ଥାନୀୟ ଡିଏଭି ସ୍କୁଲର ଛାତ୍ର। ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଓଏନ୍‌ଟିଏଚଏଚ ପିସି ପକ୍ଷରୁ ବୈଷୟିକ ଟିମ୍ ପ୍ରଶିକ୍ଷକମାନଙ୍କ ଦ୍ୱାରା ସେମାନଙ୍କୁ ଚୟନ କରାଯାଇଛି ବୋଲି ସ୍କୁଲ ଅଧକ୍ଷ ସଞ୍ଜୀବ କୁମାର ସାହୁ କହିଛନ୍ତି। ଏହି ପ୍ରତିଯୋଗିତାରେ ରାଜ୍ୟର ୩୦ ଜଣ ଛାତ୍ର ଅଂଶ ଗ୍ରହଣ କରିଥିଲେ। ପିପିଏଲ୍‌ର ଛାତ୍ରମାନେ ସଫଳତା ହାସଲ କରିଥିବାରୁ କମ୍ପାନୀ ମାନବସମ୍ବଳ ଅଧିକାରୀ ଜଗନ୍ନାଥ ଖୁଣ୍ଟିଆ, ପ୍ରଶିକ୍ଷକ ଶାଶ୍ୱତ ଭାରତୀୟ ଓ ଅନ୍ୟମାନେ ଶୁଭେଚ୍ଛା ଜଣାଇଛନ୍ତି।

# ପଥଚାରୀଙ୍କ ଯୋଗୁ ନିଆଁ ମୁହଁରୁ ବର୍ତ୍ତିଲା ଟ୍ରକ୍

ରଘୁନାଥପୁର,୨୭।୪(ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକର କଟକ-ଜଗତ୍‌ସିଂହପୁର ରାଜପଥର ଜଇଷୋଳ ଠାରେ ଜଣେ ପଥଚାରୀଙ୍କ ଯୋଗୁ କୋଲକାତାରୁ ମାଲ ପରିବହନ କରି ଆସିଥିବା ଏକ ଟ୍ରକ ନିଆଁ ମୁହଁରୁ ବର୍ତ୍ତି ଯାଇଛି। ଉକ୍ତ ଟ୍ରକ୍ ଜଇଷୋଳଠାରେ ଛିଡ଼ା ହୋଇଥିଲା। ମଧାହ୍ନ ସମୟରେ ହଠାତ୍ ଟ୍ରକର ଇଞ୍ଜିନ ଭିତର ଜଳୁଥିବା ଦେଖି ସେହି ବାଟଦେଇ ଯାଉଥିବା ଜଣେ ବାଟୋଇ ରଘୁନାଥପୁର ଦମକଳବାହିନୀକୁ ଖବର ଦେଇଥିଲେ। ଏହି ସମୟରେ ଟ୍ରକ୍‌ଚାଳକ ଉପାୟହୀନ ହୋଇ ପାଟିକରି ଡାକିବାରୁ ସ୍ଥାନୀୟ ଲୋକେ ଓ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଶଟ୍ ସର୍କିଟରୁ ଟ୍ରକରେ ନିଆଁ ଲାଗିଥିବା ଅଗ୍ନିଶମ ଅଧିକାରୀ କହିଛନ୍ତି।

# ଜେଣ୍ଟ୍ସ ପାର୍ଲରରୁ ଚୋରି

## ଥାନାରେ ଅଭିଯୋଗ

ବାଲିକୁଦା,୨୭।୪(ତାପସ ସ୍ୱାଇଁ)

ବାଲିକୁଦା ବଜାରସ୍ଥିତ ଏକ ଜେଣ୍ଟସ୍ ପାର୍ଲରରୁ ଶୁକ୍ରବାର ରାତିରେ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଏହି ବଜାରର ଥାନପତି ଗଡ଼ାଠାରେ ଥିବା ମା' ଥାନପତି ଜେଣ୍ଟସ ପାର୍ଲୋର ଆଣ୍ଡ ସ୍ପାରୁ ଚୋରି ହୋଇଛି ବୋଲି ପାର୍ଲର ମାଲିକ ପ୍ରସନ୍ନ ବାରିକ ବାଲିକୁଦା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ବାରିକ ଶୁକ୍ରବାର ରାତିରେ ପାର୍ଲର ବନ୍ଦ କରି ତାଲା ପକାଇ ଘରକୁ ଯାଇଥିଲେ । ହେଲେ ଶନିବାର ସକାଳେ କେହି ଜଣେ ତାଙ୍କୁ ଫୋନ କରି କହିଥିଲେ, ପାର୍ଲୋର କବାଟ ଭଙ୍ଗା ଯାଇଛି । ଏହା ଜାଣିବା ପରେ ପ୍ରସନ୍ନ ବଜାରକୁ ଆସି ପାର୍ଲରୁ ଇନଭର୍ଟର ମେଶିନ ଓ ବ୍ୟାଟେରି ଚୋରି ହୋଇଥିବା ଜାଣିପାରିଥିଲେ। ଏନେଇ ସେ ବାଲିକୁଦା ଥାନାରେ ଖବର ଦେଇଥିଲେ । ପୋଲିସ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ ପରେ ଅପରାହ୍ନରେ ସନ୍ଧାନୀ କୁକୁର ସହାୟତାରେ ଅନୁସନ୍ଧାନ କରିଛି। ତୁରନ୍ତ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ପ୍ରସନ୍ନ ବାରିକ ଦାବି କରିଛନ୍ତି।

# ଏଣିକି ଲୋକଙ୍କ ସ୍ୱାର୍ଥ ପାଇଁ ଆନ୍ଦୋଳନରେ ସାମିଲ ହୋଇପାରିବି : ସମ୍ବିତ

କୁଜଙ୍ଗ, ୨୭।୪(ମନୋଜ ପ୍ରଧାନ)



ପଞ୍ଚାୟତସ୍ତରୀୟ କର୍ମୀ ସମ୍ମିଳନୀରେ ବିଧାୟକ ସମ୍ବିତ ରାଉତରାୟ, ବିଧାନସଭା ପ୍ରାର୍ଥୀ ଗୀତାଞ୍ଜଳି ରାଉତରାୟ ଏବଂ ଅନ୍ୟମାନେ।

ବିଜେଡି ସଭାପତି ନବୀନ ପଟ୍ଟନାୟକ ସର୍ବଦା ଅହିଂସାକୁ ଗୁରୁତ୍ୱ ଦିଅନ୍ତି। ସେତେବେଳେ ଦଳୀୟ ବିଧାୟକ ହୋଇଥିବାରୁ ଲୋକଙ୍କ ଆନ୍ଦୋଳନରେ ସାମିଲ ନ ହୋଇ ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନ କରିବାକୁ ଉଦ୍ୟମ କରୁଥିଲି। ଏଣିକି ମୁଁ ଆଉ ବିଧାୟକ ନୁହେଁ। ସାଧାରଣ ଲୋକଙ୍କ ସ୍ୱାର୍ଥ ପାଇଁ ଯେକୌଣସି କାରଖାନା କି କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନରେ ସାମିଲ ହୋଇପାରିବି ବୋଲି ପାରାଦୀପ ବିଧାୟକ ସମ୍ବିତ ରାଉତରାୟ କହିଛନ୍ତି। ଶୁକ୍ରବାର ରାତିରେ ସ୍ତ୍ରୀ ତଥା ବିଜେଡି ପାରାଦୀପ ବିଧାନସଭା ପ୍ରାର୍ଥୀ ଗୀତାଞ୍ଜଳି ରାଉତରାୟଙ୍କ ନିର୍ବାଚନୀ ପ୍ରଚାରରେ ନୂଆଗଡ଼ ଆସି ସମ୍ବିତ ଉପରୋକ୍ତ ମନ୍ତବ୍ୟ ଦେଇଛନ୍ତି। ଏଠାରେ ଆୟୋଜିତ ପଞ୍ଚାୟତସ୍ତରୀୟ କର୍ମୀ ସମ୍ମିଳନୀରେ ପଞ୍ଚାୟତ ସଭାପତି ଧରଣୀଧର ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ କେତେଜଣ କର୍ମୀ କହିଥିଲେ, ସେମାନଙ୍କ ଭିଟାମାଟି ଉପରେ କେତୋଟି କାରଖାନା ପ୍ରତିଷ୍ଠା ହୋଇଛି। ମାତ୍ର ସେଠାରେ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ମିଳୁନାହିଁ ବୋଲି ଅଭିଯୋଗ କରିଥିଲେ। ଏନେଇ ବିଧାୟକ ସମ୍ବିତ କହିଥିଲେ, କଳକାରଖାନା ସମ୍ପ୍ରସାରଣ ପାଇଁ ହାଣ୍ଡିଆ ଗ୍ରାମ ବିସ୍ଥାପିତ ହେବାକୁ ଯାଉଛି। ଏନେଇ ଯେଉଁ ଚୁକ୍ତି ହୋଇଥିଲା, ଉକ୍ତ ଚୁକ୍ତି ଅନୁସାରେ ସେମାନଙ୍କୁ କ୍ଷତିପୂରଣ ଦିଆଯାଇଛି। ଉକ୍ତ ଗ୍ରାମବାସୀ ନିଯୁକ୍ତି ପାଇଁ ଧାରଣା ଦେଇଥିବାବେଳେ ବିଧାୟକ କମ୍ପାନୀ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ।

ଏହାପରେ ୪୦ ଜଣଙ୍କୁ ପ୍ରଥମ ପର୍ଯ୍ୟାୟରେ ଉକ୍ତ କମ୍ପାନୀରେ ନିଯୁକ୍ତି ଦିଆଯାଇଥିଲା। କିନ୍ତୁ ଅନ୍ୟ ଜଣେ ନେତା ବଦ୍‌ନାମ କରି ନିଜେ ବାହାବା ନେବାକୁ ଉଦ୍ୟମ କରୁଥିଲେ। ଆଗାମୀ ଦିନରେ ବିସ୍ଥାପିତ ହାଣ୍ଡିଆ ଗ୍ରାମବାସୀଙ୍କୁ ସମସ୍ତ ସୁବିଧା ସୁଯୋଗ ଯୋଗାଇଦେବାକୁ ଆନ୍ଦୋଳନରେ ସାମିଲ ହେବେ ବୋଲି ବିଧାୟକ ସମ୍ବିତ କହିଛନ୍ତି। ବରିଷ୍ଠ କର୍ମୀ ନାରାୟଣ ସ୍ୱାଇଁ କହିଥିଲେ, କର୍ମୀମାନଙ୍କ ମଧ୍ୟରେ ଥିବା ଅସନ୍ତୋଷ ଓ ମନୋମାଳିନ୍ୟ ଦୂର କରା ନ ଗଲେ ଆଗାମୀ ନିର୍ବାଚନରେ ଦଳ ପାଇଁ ବୁମେରାଂ ହେବାର ଆଶଙ୍କା ରହିଛି। ଏହାପରେ ବିଧାୟିକା ପ୍ରାର୍ଥିନୀ ଗୀତାଞ୍ଜଳି ଅତୀତର ଘଟଣାକୁ ଭୁଲି ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ମୁଖ୍ୟମନ୍ତ୍ରୀ କରି ରେକର୍ଡ ସୃଷ୍ଟି କରିବାକୁ ଆହ୍ୱାନ ଦେଇଥିଲେ। ସେ ବିଧାୟିକା ଭାବେ ନିର୍ବାଚିତ ହେଲେ ତୃଣମୂଳସ୍ତରର କର୍ମୀଙ୍କ ସହ ପ୍ରତ୍ୟକ୍ଷ ସମ୍ପର୍କ ରଖିବେ ବୋଲି ଗୀତାଞ୍ଜଳି ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି କର୍ମୀ ସମ୍ମିଳନୀରେ ବ୍ଲକ ବିଜେଡି କାର୍ଯ୍ୟକାରୀ ସଭାପତି ସୁଢ଼ଳ ସ୍ୱାଇଁ , ପଞ୍ଚାୟତ ସମିତି ଅଧକ୍ଷା ନିନାରାଣୀ ସାହୁ, ଉପାଧ୍ୟକ୍ଷ ଜ୍ଞାନଜିତ ସ୍ୱାଇଁ, କୁଜଙ୍ଗ ସରପଞ୍ଚ ବନ୍ଦିତା ଦାସ, ଜିଲା ପରିଷଦ ସଭ୍ୟା ପୁଷ୍ପଲତା ବେହେରା, ଜିଲା ପରିଷଦ ସଭ୍ୟ ପ୍ରମୋଦ ସ୍ୱାଇଁ , ରଘୁନାଥ ସାହୁ , ନମିତା ପରିଡ଼ା , ବିଶଳି ସରପଞ୍ଚ ମନୋରମା ମଲ୍ଲ , ବିଜେଡି ନେତା ତଥା ଶିଳ୍ପପତି ଭଗବାନ ପରିଡ଼ା, ପୂର୍ବତନ ଜିଲା ପରିଷଦ ଅଧକ୍ଷ ସବିତା ମହାପାତ୍ର ପମୁଖ ଯୋଗଦେଇଥିଲେ।

# ଖେଳ ଗାଁ ମଧ୍ୟରେ ଭାଇଚାରା ବଢ଼ାଏ

## ଗ୍ରାମେଶ୍ୱର ଦିବାରାତ୍ର କ୍ରିକେଟ ଟୁର୍ନାମେଣ୍ଟ

ଏରସମା,୨୭।୪ (ଦୀପ୍ତି ଖଣ୍ଡୁଆଳ )

ଏରସମା ବ୍ଲକ ଅନ୍ତର୍ଗତ ନାରଦିଆ ପଞ୍ଚାୟତସ୍ଥିତ ପଞ୍ଚପଲ୍ଲୀ ଗ୍ରାମେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଶନିବାର ଗ୍ରାମେଶ୍ୱେର ଦିବାରାତ୍ର କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଗ୍ରାମେଶ୍ୱର କ୍ଲବ ଓ ପାଠାଗାର ପକ୍ଷରୁ ଆୟୋଜିତ ଏହି ଖେଳକୁ ମୁଖ୍ୟ ଅତିଥିଭାବେ ଏରସମା ଥାନା ସବ୍‌ଇନ୍‌ସପେକ୍ଟର ବିଭୂତି ଭୂଷଣ ବିଶ୍ୱାଳ ଉଦ୍‌ଘାଟନ କରି କହିଥିଲେ, ଖେଳ ଗାଁ ମଧ୍ୟରେ ଭାଇଚାରା ବଢ଼ାଏ। ଏହା ଲୋକଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପନ କରିବା ସହ ଖେଳାଳିଙ୍କ ମଧ୍ୟରେ ଖେଳୁଆଡ଼ ମନୋଭାବ ସୃଷ୍ଟି କରେ। ସମ୍ମାନିତ ଅତିଥିଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ହରପ୍ରସାଦ ମିଶ୍ର, ବରିଷ୍ଠ ନାଗରିକ ମଞ୍ଚ ସଭାପତି ରାଜେନ୍ଦ୍ର ପ୍ରସାଦ ଜେନା, ସାମାଜିକ କର୍ମୀ କ୍ଷେତ୍ରମୋହନ ଦାଶ, ମନୋରଞ୍ଜନ ସ୍ୱାଇଁ, କ୍ଲବ ସଭାପତି ଗଗନ ବିହାରୀ ସ୍ୱାଇଁ, ଉପସଭାପତି ଜ୍ଞାନେନ୍ଦ୍ର ମିଶ୍ର, ସୁଜିତ ମହାନ୍ତି, ସୁଦର୍ଶନ ବାରିକ, ବଳରାମ ନାୟକ, ସ୍ମୃତିରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଟୁର୍ନାମେଣ୍ଟରେ ୧୬ଟି ଦଳ ପରସ୍ପରକୁ ଭେଟିବେ ବୋଲି କର୍ମକର୍ତ୍ତାଙ୍କ ପକ୍ଷରୁ କୁହାଯାଇଛି।



ଅତିଥି ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରୁଛନ୍ତି।

# ପାଠପଢ଼ା ସହ ଖେଳକୁଦ, ସାଂସ୍କୃତିକ କାର୍ଯ୍ୟକ୍ରମ ସମ୍ପର୍କିତ ଜ୍ଞାନ ଜରୁରୀ




ବାର୍ଷିକ ଉତ୍ସବରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

ପାରାଦୀପ,୨୭।୪(ଶରତ ରାଉତ)

## ଗଣପତି ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

ପାରାଦୀପ ବାଲିଝରାଠାରେ ଗଣପତି ଶିଶୁ ବିଦ୍ୟାମନ୍ଦିରର ବିଂଶତମ ବାର୍ଷିକ ଉତ୍ସବ ଶନିବାର ସନ୍ଧ୍ୟାରେ ପାଳିତ ହୋଇଯାଇଛି। ଶିକ୍ଷାନୁଷ୍ଠାନ ପାଖ ପଡ଼ିଆରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମକୁ ସାମଜିକ ସେବୀ ଭଗବାନ ପରିଡା ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଆଦାନୀ ୱିଲମାର କମ୍ପାନୀର ବରିଷ୍ଠ ଅଧିକାରୀ ନାରାୟଣ ଦାସ ଓ ରାଜୀବ ଷଡ଼ଙ୍ଗୀ ଉପସ୍ଥିତ ଥିଲେ। ଦ୍ୱିତୀୟ ଅଧିବେଶନ ବୈଠକରେ ମୁଖ୍ୟ ଅତିଥି ଭାବେ ବନ୍ଦର ସଚିବ ୟୁ ଆର ମୋହନ ରାଜୁ ଯୋଗ ଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ପୁଷ୍ପରଚନ୍ଦ୍ର ବେହେରା, ଶିକ୍ଷା ବିକାଶ ସମିତିର ଯୋଗେନ୍ଦ୍ର ନାଥ ବସ୍ତିଆ, ସ୍ଥାନୀୟ କାଉନ୍‌ସିଲର ସ୍ୱପ୍ନାରାଣୀ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଆଜିର ଛାତ୍ର କାଲିର ଭବିଷ୍ୟତ। ପିଲାଙ୍କୁ ପାଠପଢା ସହ ଖେଳକୁଦ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ସମ୍ପର୍କରେ ଜ୍ଞାନ ଆହରଣ କରିବା ଜରୁରି ବୋଲି ମୁଖ୍ୟ ଅତିଥି ମୋହନରାଜୁ କହିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷାନୁଷ୍ଠାନର ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ତରାଇ ସଞ୍ଚାଳନ କରିଥିଲେ ଓ ଅନ୍ୟ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକମାନେ ଏଥିରେ ସହଯୋଗ କରିଥିଲେ।

ଏହି ଅବସରରେ ବିଦ୍ୟାମନ୍ଦିରର ବାର୍ଷିକ ବିବରଣୀ ସହ ପରିଚାଳନା କମିଟି ସମ୍ପର୍କରେ ଆଲୋଚନା ହୋଇଥିଲା। ଶେଷରେ ଛାତ୍ରୀଛାତ୍ରମାନେ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ଭାଜପା, ବିଜେଡିରେ କଡ଼ା ଟକ୍କର ସମ୍ଭାବନା

କୁଜଙ୍ଗ,୨୭।୪(ମନୋଜ ପ୍ରଧାନ)



ନିରଞ୍ଜନ ନାୟକ



ଗୀତାଞ୍ଜଳି ରାଉତରାୟ



ସମ୍ପଦ ସ୍ୱାଇଁ



ଜିନ୍ମୟୀ ସାହାଣୀ

## ପାରାଦୀପ ନିର୍ବାଚନମଣ୍ଡଳୀ

■ କଂଗ୍ରେସ, ସିପିଆଇ ପ୍ରତୀକାତ୍ମକ ଲଢ଼େଇରେ ସାମିଲ

ଚଳିତ ୨୦୨୪ ସାଧାରଣ ନିର୍ବାଚନରେ ପାରାଦୀପ ବିଧାନସଭା କ୍ଷେତ୍ରରେ ଭାଜପା , ବିଜେଡି , କଂଗ୍ରେସ ଓ ସିପିଆଇ ପକ୍ଷରୁ ପ୍ରାର୍ଥୀ ଘୋଷଣା କରାଯାଇଛି। ମାତ୍ର ଏଠାରେ ଭାଜପା ଓ ବିଜେଡି ମଧ୍ୟରେ କଡ଼ା ଟକ୍କର ହେଉଥିବାବେଳେ କଂଗ୍ରେସ ଓ ସିପିଆଇ ପ୍ରତୀକାତ୍ମକ ଲଢ଼େଇ କରିବେ ବୋଲି ଚର୍ଚ୍ଚା ହେଉଛି।

୨୦୧୯ ସାଧାରଣ ନିର୍ବାଚନରେ ବିଜେଡିରୁ ସମ୍ବିତ ରାଉତରାୟ ୭୨ ହଜାରରୁ ଉର୍ଦ୍ଧ୍ୱ ଭୋଟ ପାଇ ବିଜୟୀ ହୋଇଥିବାବେଳେ କଂଗ୍ରେସରୁ ବାପି ସର୍ଖେଲ ୪୬ ହଜାର ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ଥିଲେ। ସେହିପରି ଭାଜପା ପ୍ରାର୍ଥୀ ସମ୍ପଦ ସ୍ୱାଇଁ ୩୬ ହଜାର ଭୋଟ ପାଇ ତୃତୀୟ ସ୍ଥାନରେ ଥିଲେ। ସିପିଆଇରୁ ପ୍ରାର୍ଥୀ ହୋଇଥିବା ଜିନ୍ମୟୀ ସାହାଣୀ ମାତ୍ର ୨୨ ଶହ ଭୋଟ ପାଇବାକୁ ସକ୍ଷମ ହୋଇଥିଲେ। ଚଳିତ ନିର୍ବାଚନରେ ବିଜେଡିରୁ ସମ୍ବିତଙ୍କ ସ୍ତ୍ରୀ ଗୀତାଞ୍ଜଳି ରାଉତରାୟ ପ୍ରାର୍ଥୀ ହୋଇଛନ୍ତି। ଭାଜପାରୁ ପୁନର୍ବାର ସମ୍ପଦ ଓ ସିପିଆଇରୁ ଜିନ୍ମୟୀ ପ୍ରାର୍ଥୀ ହୋଇଛନ୍ତି। ତେବେ ବାପି ସର୍ଖେଲ କଂଗ୍ରେସ ଛାଡ଼ି ବିଜେଡିରେ ସାମିଲ ହୋଇଛନ୍ତି। ଏହାପରେ ବାହାର ଅଞ୍ଚଳର ଜଣେ ଯୁବକ ନିରଞ୍ଜନ ନାୟକଙ୍କୁ କଂଗ୍ରେସ ପ୍ରାର୍ଥୀ କରିଛି। ସମ୍ବିତଙ୍କ ଉପରେ ଜନ ଅସନ୍ତୋଷ ଥିବାରୁ ବିଜେଡି ପକ୍ଷରୁ ତାଙ୍କ ସ୍ତ୍ରୀଙ୍କୁ ପ୍ରାର୍ଥୀ କରାଯାଇଥିବା ଆଲୋଚନା ହେଉଛି। ତାଙ୍କ ବାପା ସ୍ୱର୍ଗତ ଦାମୋଦର ରାଉତ ଦୀର୍ଘ ବର୍ଷ ଧରି ଅବିଭକ୍ତ ଏରସମା ନିର୍ବାଚନମଣ୍ଡଳୀରେ ପ୍ରତିନିଧିତ୍ୱ କରିଥିଲେ ।

୨୦୦୯ରେ ନିର୍ବାଚନମଣ୍ଡଳୀ ପୁନର୍ଗଠନ ହେବା ପରେ ପାରାଦୀପ ସ୍ୱତନ୍ତ୍ର ନିର୍ବାଚନମଣ୍ଡଳୀର ମାନ୍ୟତା ପାଇଲା । ୨୦୦୯ ଓ ୨୦୧୪ ନିର୍ବାଚନରେ ଡାକ୍ତର ଦାମୋଦର ରାଉତ ବିଜେଡିରୁ ପ୍ରାର୍ଥୀ ହୋଇ ବିଜୟ ଲାଭ କରିଥିଲେ। ମାତ୍ର ୨୦୧୯ ନିର୍ବାଚନରେ ତାଙ୍କ ପୁଅ ସମ୍ବିତ ବିଜେଡିରୁ ପ୍ରାର୍ଥୀ ହୋଇ ଜିତିଥିଲେ। ଚଳିତ ନିର୍ବାଚନରେ ତାଙ୍କ ସ୍ତ୍ରୀ ପ୍ରାର୍ଥୀ ହୋଇଥିବାରୁ ବଂଶବାଦ ଓ ବାହାର ଅଞ୍ଚଳ କହି ବିରୋଧ ଚାଲିଛି। ଅପରପକ୍ଷେ ବାପି ୨୦୧୯ ନିର୍ବାଚନ ପରଠାରୁ କଂଗ୍ରେସ ଠାରୁ ଦୂରେଇ ରହୁଥିବାରୁ ବହୁ କର୍ମୀ ଭାଜପା ଆଡ଼କୁ ଢଳିଛନ୍ତି। ଏହି ୫ ବର୍ଷରେ ଭାଜପା ପ୍ରାର୍ଥୀ ସମ୍ପଦ ସ୍ୱାଇଁ ସଙ୍ଗଠନକୁ ସୁଦୃଢ କରିବା ସାଙ୍ଗକୁ ଭୋଟ ପ୍ରତିଶତ ବଢ଼ାଇବାକୁ ଉଦ୍ୟମ ଜାରି ରଖିଛନ୍ତି। ଅନ୍ୟପଟେ କଂଗ୍ରେସରୁ ପ୍ରାର୍ଥୀ ହୋଇଥିବା ନିରଞ୍ଜନ ନାୟକଙ୍କୁ ଲୋକ ଚିହ୍ନି ନ ଥିବା ବେଳେ ସେ ଜଣେ ବାହାର ଅଞ୍ଚଳର ହୋଇଥିବାରୁ ପାରାଦୀପ ଭୋଟର ତାଙ୍କ ଆଡ଼କୁ ଢଳିବେ କି ନାହିଁ ସେ ନେଇ ସନ୍ଦେହ ରହିଛି। ଏଭଳି ସ୍ଥିତିରେ ସିପିଆଇ ପ୍ରାର୍ଥିନୀ ଜିନ୍ମୟୀ ପୂର୍ବ ଭୋଟ ବଜାୟ ରଖିବା କାଠିକର ପାଠ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

## ସଂକ୍ଷେପରେ

### ଭାଜପା ନଗର ଉପସଭାପତିଙ୍କୁ ଅଣଦେଖା ଅଭିଯୋଗ

ଗଞ୍ଜାମ, ୨୭।୪(ବିଦ୍ୟାଧର ସାହୁ): ଆସନ୍ତା ସାଧାରଣ ନିର୍ବାଚନ ନେଇ ଗଞ୍ଜାମ ସହରରେ ଭାଜପା କାର୍ଯ୍ୟାଳୟ ଖୋଲାଯାଇଥିବା ବେଳେ ଭାଜପା ନଗର ଉପସଭାପତି ତଥା ପୂର୍ବତନ କାଉନସିଲର ଡି.କେ ରାଓଙ୍କୁ ଉକ୍ତ କାର୍ଯ୍ୟକ୍ରମକୁ ଡକା ଯାଇ ନ ଥିବା ସେ ଅଭିଯୋଗ କରିଛନ୍ତି । ଏହାକୁ ନେଇ ସେ କ୍ଷୋଭ ପ୍ରକାଶ କରିବା ସହ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ପ୍ରତ୍ୟେକ ନିର୍ବାଚନ ରଣାଙ୍ଗନ ପରିଚାଳନା କ୍ଷେତ୍ରରେ ସ୍ଥାନୀୟ ଅଞ୍ଚଳରେ ରାଓ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସୁଥିଲେ । କିଛି ଦଳ ଡିଆଁଙ୍କ ଯୋଗୁଁ ତାଙ୍କ ପ୍ରତି ଅବିଚାର କରାଯାଇଥିବା ସେ ପ୍ରକାଶ କରିଛନ୍ତି । ଦୀର୍ଘ ବର୍ଷ ହେଲା ସେ ଭାଜପାରେ ରହି ଦଳର ପ୍ରତ୍ୟେକ କାର୍ଯ୍ୟରେ ପ୍ରମୁଖ ଭୂମିକା ଗ୍ରହଣ କରିଆସିଛନ୍ତି । ଗତ ଏନଏସି ନିର୍ବାଚନରେ ତାଙ୍କର ଧର୍ମପତ୍ନୀ ଭାଜପା ଏନଏସି ଅଧକ୍ଷା ପ୍ରାର୍ଥି ଭାବେ ନିର୍ବାଚନ ଲଢ଼ିଥିଲେ । ତେବେ ଏବେ ତାଙ୍କୁ ଅଣଦେଖା କରାଯିବାକୁ ନେଇ ସେ ହଜମ କରିପାରିନାହାନ୍ତି ।

### ହଷ୍ଟେଲରୁ ମୋବାଇଲ ଚୋରି

ବ୍ରହ୍ମପୁର, ୨୭।୪(ସୁବାସ ଚନ୍ଦ୍ର ପାଢ଼ୀ): ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଗୋଦାବରୀଶ ନଗର ପ୍ରଥମ ଗଳିରେ କାଞ୍ଚନପଦ ନିବାସରେ ରହୁଥିବା ଛାତ୍ରମାନଙ୍କ ମୋବାଇଲ ଚୋରି ହୋଇଛି । ଏନେଇ ସେମାନେ ଥାନାରେ ଅଭିଯୋଗ କରିଛନ୍ତି । ପୋଲିସ ଏ ସଂକ୍ରାନ୍ତରେ ନଂ.୨୩୨/୨୪ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି । ଭନଗର ଥାନା ଜିଲୁଣ୍ଡି ଗ୍ରାମର ସତ୍ୟନାରାୟଣ ଗୌଡ ତାଙ୍କର କେତେକ ସାଙ୍ଗ ସହ ଉକ୍ତ ନିବାସରେ ରହି ପଢ଼ାପଢ଼ି କରୁଥିଲେ । ଗତ ୨୪ ତାରିଖ ରାତିରେ କେତେକ ଦୁର୍ବୃତ୍ତ ସେମାନଙ୍କ କୋଠରୀରେ ପଶି ୪ ମୋବାଇଲ ଚୋରି କରି ନେଇଛନ୍ତି । ଶେଷରେ ମୋବାଇଲ ନପାଇ ସେମାନେ ଥାନାରେ ଅଭିଯୋଗ କରିଛନ୍ତି । ପୋଲିସ ପକ୍ଷରୁ ଚୋରି ମୋବାଇଲର ନମ୍ବରଗୁଡ଼ିକୁ ଟ୍ରାକିଂ କରାଯାଉଛି ବୋଲି କୁହାଯାଇଛି ।

### ଫେରାର ଅଭିଯୁକ୍ତ ଗିରଫ

ବ୍ରହ୍ମପୁର, ୨୭।୪(ସୁବାସ ଚନ୍ଦ୍ର ପାଢ଼ୀ): ହରିଡାଖଣ୍ଡି ଅଞ୍ଚଳରେ ଏକ ଡକାୟତି ଯୋଜନାରେ ସମ୍ପୃକ୍ତ ରହି ଦୀର୍ଘଦିନ ଧରି ଫେରାର ଥିବା ଅଭିଯୁକ୍ତଙ୍କୁ ବଡବଜାର ଥାନା ପୋଲିସ ଗିରଫ କରିଛି । ସେ ହେଲେ ଉକ୍ତ ଥାନା ଅନ୍ତର୍ଗତ ଗ୍ରାମଦେବତୀ ସାହିର ସତ୍ୟବାନ ଦାସ ଓରଫ ନାକା(୨୧) । ଶୁକ୍ରବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି । ଏହି ମାମଲାରେ ଆଉ ୨ ଜଣ ଫେରାର ଅଛନ୍ତି । ସେମାନଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ପୋଲିସ କହିଛି । ପୂର୍ବରୁ ଏହି ମାମଲାରେ ଗ୍ରାମଦେବତୀ ସାହିର ଅମିତ ନାୟକ ଓରଫ ରାଜା, ଖାଜାସାହିର ସେଖ ଅସିଫ ଓ ଉତ୍ତରାମୁଖୀର ରାମା ପାତ୍ର ଗିରଫ ହୋଇଥିଲେ । ଗତ ଫେବୃୟାରୀ ୨୬ତାରିଖ ରାତିରେ ବଡବଜାର ଥାନା ପୋଲିସ ପକ୍ଷରୁ ପାଟ୍ରୋଲିଂ ଜାରି ରହିଥିଲା । ଏହି ସମୟରେ ହରିଡାଖଣ୍ଡି ବିଲ କାଲୁଆ ମନ୍ଦିର ନିକଟସ୍ଥ ଏକ ନିଛାଟିଆ ସ୍ଥାନରେ ୬ ଜଣ ଯୁବକ ଏକାଠି ହୋଇ ଡକାୟତି ଯୋଜନା କରୁଥିବା ପୋଲିସକୁ ଖବର ମିଳିଥିଲା । ପୋଲିସ ସେଠାରେ ଚଢ଼ାଉ କରି ପ୍ରଥମେ ୩ ଜଣଙ୍କୁ ଗିରଫ କରିଥିଲା ।

# ରହସ୍ୟ ଘେରରେ ୟୁ ଟର୍ନ ଠକେଇ

## କୁଆଡ଼େ ଗଲେ ମାଷ୍ଟରମାଇଣ୍ଡ କେ.ପି.ଓ ଚେଲା ମହେଶ

ବ୍ରହ୍ମପୁର, ୨୭।୪(ସୁବାସ ଚନ୍ଦ୍ର ପାଢ଼ୀ): ବ୍ରହ୍ମପୁରରେ ଠକେଇର ଏକ ନୂଆ ତରିକା ଗତ ବର୍ଷ ନଭେମ୍ବର ମାସରେ ସାମନାକୁ ଆସିଥିଲା । ସ୍କିମର ନାଁ ଥିଲା 'ୟୁ ଟର୍ଣ୍ଣ' । ୨୮ ଲକ୍ଷ ଟଙ୍କା ଏକା ସଙ୍ଗେ ଦେଲେ ଗୋଟିଏ ଦିନ ପରେ ଫେରସ୍ତ ମିଳିବ ୩୦ ଲକ୍ଷ । ଅଧିକ ଟଙ୍କା ଦେଲେ ଦୁଇଗୁଣା ଟଙ୍କା ଫେରସ୍ତ ମିଳିବ । ଏଭଳି ଅନେକ ସ୍କିମ ଦ୍ୱାରା ପ୍ରଲୋଭିତ ହୋଇ ଶିକାର ହୋଇଥିଲେ ତିନି ବନ୍ଧୁ । କିନ୍ତୁ ସେମାନଙ୍କ ମଧ୍ୟରୁ ଜଣେ ଅନ୍ୟ ଦୁଇଜଣ ବନ୍ଧୁଙ୍କୁ ୯ ଲକ୍ଷ ଦେଲେ ୧୦ ଲକ୍ଷ ଟଙ୍କା ଫେରସ୍ତ ପାଇବାକୁ ଲୋଭ ଦେଖାଇ ଟଙ୍କା ସଂଗ୍ରହ କରିଥିବା ଅଭିଯୋଗରେ ଗିରଫ ହୋଇଥିଲେ । ସେହିପରି ଉକ୍ତ ଠକେଇରେ ସାମିଲ ହୋଇଥିବା ଅନ୍ୟ ୪ ଅଭିଯୁକ୍ତଙ୍କୁ ମଧ୍ୟ ବୈଦ୍ୟନାଥପୁର ପୋଲିସ ମାମଲା ନଂ. ୫୮୨/୨୩ ଗିରଫ କରି କୋର୍ଟଚାଲାଣ କରିଥିଲା । କିନ୍ତୁ ଅସଲି ଟଙ୍କା ନେଇ ନକଲି ଟଙ୍କା ରଖି ଫେରାର ହୋଇଯାଇଥିବା ମୁଖ୍ୟ ଅଭିଯୁକ୍ତ କେ.ପି. ଓ ଚେଲା ମହେଶଙ୍କୁ ଅଦ୍ୟାବଧି ପୋଲିସ ଧରିପାରିନି । ତାଙ୍କୁ ଧରିବା ପାଇଁ ଟିମ ଗଠନ ହୋଇଥିବା ପୋଲିସ କହିଛି । ଉକ୍ତ ଦୁଇ ଅଭିଯୁକ୍ତ ଧରାପଡ଼ିଲେ ଏହି ଠକ ର୍ୟାକେଟର ପ୍ରକୃତ କାରନାମା ସାମନାକୁ ଆସିପାରନ୍ତା । ସେହିପରି ଏହି ଠକେଇରେ ଆଉ କେତେ ଶିକାର ହୋଇଛନ୍ତି ତାହା ବି ଜଣାପଡନ୍ତା । 'ୟୁ ଟର୍ଣ୍ଣ' ଠକେଇ ମାମଲା ସାମନାକୁ ଆସିବା ପରେ ଏନେଇ ନାନା ଚର୍ଚ୍ଚା ଶୁଣିବାକୁ ମିଳିଥିଲା । ଏହା ନୂଆ ନୁହେଁ, ଆଗରୁ ଅନେକ ଏଭଳି ସ୍କିମ ଚାଲିଛି । ଏହା ଦ୍ୱାରା ଲକ୍ଷାଧିକ ଟଙ୍କା ଠକେଇର ଲୋକେ ଶିକାର ହୋଇଛନ୍ତି । କିନ୍ତୁ ଥାନାରେ ଅଭିଯୋଗ କରିବା ପରିବର୍ତ୍ତେ ଚୁପ ରହିବାକୁ ଶ୍ରେୟ ମଣିଛନ୍ତି । ରାଜ୍ୟ ବାହାରୁ ଏହି ର୍ୟାକେଟ ପରିଚାଳିତ ହେଉଛି । ଏହି ସ୍କିମରେ କେତେ ଲୋକ ମଧ୍ୟ ଲାଭବାନ ହୋଇଛନ୍ତି । ଜଣଙ୍କଠାରୁ ଟଙ୍କା ଆଣି ଅନ୍ୟ ଜଣଙ୍କୁ ଦେବା ପୁଣି ତୃତୀୟ ବ୍ୟକ୍ତିଙ୍କଠାରୁ ଟଙ୍କା ମିଳିବା ପରେ ପ୍ରଥମ ଜଣଙ୍କୁ ଫେରାଇବା ଏଭଳି କେତେକ ଲୋକଙ୍କୁ ଟଙ୍କା ଫେରାଇବାର କୌଶଳ 'ୟୁ ଟର୍ଣ୍ଣ'କୁ ଆପଣାଉଛନ୍ତି ଠିକ ର୍ୟାକେଟର ସଦସ୍ୟ । ଦିନକରେ ଦୁଇଗୁଣା ତଥା ଅଧିକ ଟଙ୍କା ଫେରିପାଇବା ବ୍ୟକ୍ତି ଏଭଳି ସ୍କିମ ପ୍ରଚାରର ମାଧ୍ୟମ ପାଲଟୁଛନ୍ତି । ତା'ପରେ ସେହି ବ୍ୟକ୍ତି ହିଁ ଅଧିକ ଟଙ୍କା ଲଗାଇ ଠକାମୀର ଶିକାର ହେଉଛନ୍ତି । ହେଲେ ମଧ ସେ ଅଭିଯୋଗ କରିବାକୁ ପଛଘୁଞ୍ଚା ଦେଉଛନ୍ତି । 'ୟୁ ଟର୍ଣ୍ଣ'କୁ ନେଇ ସହରରେ ଏଭଳି ଭିନ୍ନ ଭିନ୍ନ ଆଲୋଚନା ହେଉଥିବାବେଳେ କେ.ପି.ର ଚେହେରା ଓ ଅସଲ ପରିଚୟ ପୋଲିସ କେବେ ପର୍ଦ୍ଦାଫାସ କରିବ ତାହା ଦେଖିବାକୁ ବାକି ରହିଛି ।

# ବାର୍‌ହା ଶିକାର ପାଇଁ ବିଦ୍ୟୁତ୍ ଫାଶରେ ପଡ଼ି ଚାଷୀଙ୍କ ମୃତ୍ୟୁ, ଶିକାରୀ ଗିରଫ

ବୁଗୁଡ଼ା, ୨୭।୪ (କାଳିଚରଣ ଦାଶ): ବୁଗୁଡା ବନାଞ୍ଚଳରେ ବନ୍ୟଜନ୍ତୁ ଶିକାର ଏକ ସାଧାରଣ ଘଟଣା ପାଲଟିଥିବା ବେଳେ ବାରହା ଶିକାର ପାଇଁ ପକାଯାଇଥିବା ବିଦ୍ୟୁତ୍ ଫାସରେ ପଡ଼ି ଶୁକ୍ରବାର ରାତିରେ ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି । ମୃତ ଚାଷୀ ହେଲେ ବୁଗୁଡ଼ା ଥାନା ଅନ୍ତର୍ଗତ ତାଳସାକର ଗ୍ରାମର ଅରୁଣ ନାୟକ । ଏହି ଘଟଣାରେ ଅଭିଯୁକ୍ତ ଶିକାରୀ ସେହି ଗ୍ରାମର କୃଷ୍ଣଚନ୍ଦ୍ର ଜେନାଙ୍କୁ ପୋଲିସ ଗିରଫ କରିଛି । ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇବା ସହ ଏକ ମାମଲା ରୁଜୁ କରିଥିବା ଆଇଆଇସି ପ୍ରଭାତ ରଞ୍ଜନ ମହାନ୍ତି କହିଛନ୍ତି । ପ୍ରକାଶ ଯେ, ଶୁକ୍ରବାର କୃଷ୍ଣଚନ୍ଦ୍ର ବାରହା ଶିକାର କରିବା ଉଦ୍ଦେଶ୍ୟରେ ତାଳସାକର ଗାଁର ଆଗୁଳ ତଳ ବିଲରେ ୧୧ କେଭିରୁ ବିଦ୍ୟୁତ୍ ତାର ସଂଯୋଗ କରି ଫାସ ବିଛାଇଥିଲେ । ଅରୁଣ ନିଜର ଚଣାପଦରରେ ପାଣି ମଡ଼ାଇବାକୁ ଯାଉଥିଲା ବେଳେ ବିଦ୍ୟୁତ୍ ଫାସରେ ଛନ୍ଦି ହୋଇଯାଇଥିଲେ । ଶନିବାର ସକାଳେ ସେହି ରାସ୍ତାରେ କେତେକ ଲୋକ ଯାଉଥିବା ବେଳେ ଏହି ଘଟଣା ଦେଖି ଅରୁଣଙ୍କ ପରିବାରକୁ ଖବର ଦେଇଥିଲେ ।

# କବିସୂର୍ଯ୍ୟନଗରରେ ବିଜେଡିର ମହାସମାବେଶ




କବିସୂର୍ଯ୍ୟନଗର, ୨୭।୪ (କୃପାସିନ୍ଧୁ ସ୍ୱାଇଁ): କବିସୂର୍ଯ୍ୟନଗର ଏନଏସି ଗୌଡ଼ଡିପ ଠାରେ ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ଏକ ବିଶାଳ ମହାସମାବେଶ ଶନିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଛି। କବିସୂର୍ଯ୍ୟନଗର ବିଧାନସଭା ବିଧାୟିକା ପ୍ରାର୍ଥିନୀ ଲତିକା ପ୍ରଧାନ ଓ ଆସିକା ଏମପି ପ୍ରାର୍ଥିନୀ ରଞ୍ଜିତା ସାହୁଙ୍କୁ ଏକ ସୁସଜ୍ଜିତ ଖୋଲା ଜିପ୍‌ରେ ଧନେଇ ନଦୀଠାରୁ ଏକ ବିରାଟ ବାଇକ ରାଲିରେ ସଭାସ୍ଥଳକୁ ଅଣାଯାଇଥିଲା । ରାସ୍ତାରେ ବହୁ ବିଜୁପ୍ରେମୀ, ବିଜେଡି ପ୍ରେମୀ ସ୍ୱାଗତ ସମ୍ବର୍ଦ୍ଧନା ଦେଇଥିଲେ। ସେମାନଙ୍କ ସହିତ ନଗର ବିଜେଡି ସଭାପତି ଭଗବାନ ସ୍ୱାଇଁ, ନିର୍ବାଚନ ମଣ୍ଡଳୀ ଯୁବ ସଭାପତି ରସଲ ଦାସ, ବିଜୁ ଛାତ୍ର ନଗର ବିଜେଡି ସଭାପତି ତଥା ଏନଏସି ଉପାଧକ୍ଷ ବିକ୍ରାନ୍ତ କୁମାର ସାହୁ, ଯୁବନେତା ଯଜ୍ଞପ୍ରସାଦ ପଣ୍ଡା, ସନ୍ତୋଷ କୁମାର ପାଢ଼ୀ, ଏନଏସି ଅଧ୍ୟକ୍ଷା ଏସ. ଲକ୍ଷ୍ମୀ ସେଠି, ନଗର ସଭାନେତ୍ରୀ ଲକ୍ଷ୍ମୀପ୍ରିୟା ସାହୁ, ବ୍ରଜେନ୍ଦ୍ର ପ୍ରଧାନ, ରାଜେନ୍ଦ୍ର ଖଟେଇ, ଆଦିତ୍ୟ ତ୍ରିପାଠୀଙ୍କ ସମେତ ବହୁ କାଉନସିଲର, ସରପଞ୍ଚ, ସମିତିସଭ୍ୟ, ସମିତିସଭ୍ୟା, ଯୁବନେତା ଉପସ୍ଥିତ ଯୋଗଦେଇଥିଲେ ।

# ଜଙ୍ଗଲରୁ ୫୧ କେଜି ଗଞ୍ଜେଇ ଜବତ

ଦାରିଙ୍ଗବାଡି, ୨୭।୪(ଅରୁଣ ସାହୁ): ଦାରିଙ୍ଗବାଡି ବ୍ଲକ ବ୍ରାହ୍ମଣୀଗାଁ ପୋଲିସ ପାଟ୍ରୋଲିଂ କରିବା ସମୟରେ ୫୧ କେଜି ଗଞ୍ଜେଇ ଜବତ କରାଯାଇଥିବା ଥାନା ଅଧିକାରୀ ଚିରଞ୍ଜିବି ବେହେରା କହିଛନ୍ତି । ତରମାହା ଜଙ୍ଗଲରେ ଗଞ୍ଜେଇ ଅମଳ ପରେ ତାକୁ ବିକ୍ରି ପାଇଁ ପ୍ରସ୍ତୁତ କରି ରଖାଯାଇଥିଲା । ପୋଲିସ ପାଟ୍ରୋଲିଂ କରୁଥିବା ସମୟରେ କୌଣସି ସୂତ୍ରରୁ ଖବର ପାଇ ଉକ୍ତ ଜଙ୍ଗଲରେ ଚଢ଼ାଉ କରିଥିଲା । ସେଠାରେ ବସ୍ତାରେ ପ୍ୟାକିଂ ହୋଇ ରହିଥିବା ବେଳେ ତାକୁ ଜବତ କରାଯାଇଛି । ଏଥିରେ କିଏ ସମ୍ପୃକ୍ତି ଅଛି ତାହା ତଦନ୍ତ ଚାଲିଥିବା ପୋଲିସ କହିଛି ।

# ଚୁପ୍ ବସିଛି ପୋଲିସ, ଏସ୍‌ପିଙ୍କୁ ଭେଟିଲେ ପରିବାର

## ଗୁଣି ଗାରେଡି ସନ୍ଦେହରେ ଘର ପୋଡ଼ି ଘଟଣା



ଏସ୍‌ପିଙ୍କୁ ଭେଟିବାକୁ ଆସିଥିବା ନବୀନଙ୍କ ପରିବାର ।।

ଫୁଲବାଣୀ, ୨୭।୪(ରାକେଶ କୁମାର ରାଉତ)- ଫିରିଙ୍ଗିଆ ବ୍ଲକ ଡଙ୍ଗେରିକିଆ ଗ୍ରାମରେ ଗୁଣିଗାରେଡି ସନ୍ଦେହରେ ଘର ପୋଡି ଘଟଣାକୁ ୧୮ ଦିନ ବିତି ଲାଣି ପରିବାର ଲୋକେ କଂଗାରୁ କୋର୍ଟକୁ ଡରି ଆଜି ପର୍ଯ୍ୟନ୍ତ ବାହାରେ ଜଣେ ସାମାଜିକ କର୍ମୀଙ୍କ ପାଖରେ ରହୁଛନ୍ତି। ହେଲେ ପୋଲିସ ଆଜି ଯାଏ ଘର ପୋଡି ଘଟଣାରେ ସମ୍ପୃକ୍ତ ଲୋକଙ୍କୁ ଗିରଫ କରୁନାହିଁ । ସେମାନେ ନିର୍ଭୟରେ ବାହରେ ବୁଲୁଛନ୍ତି । ଏଥିରେ ଅତିଷ୍ଠ ହୋଇ ଏହି ଅସହାୟ ପରିବାର ଲୋକେ ଶନିବାର ଏସ୍‌ପିଙ୍କୁ ଏକ ଦାବିପତ୍ର ଦେଇଛନ୍ତି । ଯେଉଁମାନେ ଘର ପୋଡିଛନ୍ତି ସେମାନଙ୍କୁ ଶୀଘ୍ର ଗିରଫ କରି ଗ୍ରାମରେ ରହିବାକୁ ଦିଆଯାଉ ବୋଲି ଦାବିପତ୍ରରେ ଦର୍ଶାଇଛନ୍ତି । ଗ୍ରାମର ନବୀନ କହଁର ଗରୀବ ଶ୍ରେଣୀର ଲୋକ । ସେ ତାଙ୍କ ପରିବାର ସହ ଗ୍ରାମରେ ବସବାସ କରି ଆସୁଛନ୍ତି । ଗତ ୧୦ ତାରିଖ ଦିନ ଗ୍ରାମର କିଛି ଲୋକେ ଘରକୁ ଆସି ଗୁଣି ଗାରେଡି କରୁଥିବା କହି ଘର ପୋଡି ଦେଲେ । ଏଥିସହ ଆମକୁ ଧମକ ବି ଦେଲେ । ବାଧ ହୋଇ ପୁଅ ସଞ୍ଜୀବ କହଁର ଏ ନେଇ ଫିରିଙ୍ଗିଆ ଥାନାରେ ଏତଲା ଦେଇଥିଲେ । ପୋଲିସ ନଂ.୯୩/୨୪ରେ ମାମଲା ରୁଜୁ କରିବା ପରେ ଆଉ କିଛି ତଦନ୍ତ ଆଗେଇ ନାହିଁ । ଆମେ ଗ୍ରାମ ଛାଡି ବାହାରେ ଜଣେ ବ୍ୟକ୍ତିଙ୍କ ପାଖରେ ଆଶ୍ରୟ ନେଇଛୁ ବୋଲି ନବୀନ କହିଛନ୍ତି ।

# ବିଜୁ ଶ୍ରମିକ ସାମ୍ମୁଖ୍ୟର ଜିଲା ସମ୍ମିଳନୀ




ସମ୍ମିଳନୀରେ ଉପସ୍ଥିତ ସଂଘର ରାଜ୍ୟ ସଭାପତି ଓ ଅନ୍ୟମାନେ ।

ବ୍ରହ୍ମପୁର, ୨୭।୪(ସ୍ମୃତି ରଞ୍ଜନ ମହାଲିକ): ବିଜୁ ଶ୍ରମିକ ସାମ୍ମୁଖ୍ୟର ଜିଲା ସମ୍ମିଳନୀ ଶନିବାର ଆମ୍ବପୁଆ ସ୍ଥିତ ଏକ ଘରୋଇ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ସଂଘର ରାଜ୍ୟ ସଭାପତି ସୁବାଷ ସିଂ ଯୋଗ ଦେଇ ରାଜ୍ୟରେ ଶ୍ରମିକଙ୍କ ସନ୍ତାନ ପାଇଁ ସରକାର ଛାତ୍ର ବୃତ୍ତି ପ୍ରଦାନ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ପ୍ରଚେଷ୍ଟାରେ ୯୮% ଛାତ୍ରୀଛାତ୍ର ଆମ ଓଡିଶା ନବୀନ ଓଡିଶା ଜରିଆରେ ଛାତ୍ର ବୃତ୍ତି ପାଇଛନ୍ତି। ସାମାଜିକ ସୁରକ୍ଷା କ୍ଷେତ୍ରରେ ୨୨ ଲକ୍ଷ ଶ୍ରମିକ ଉପକୃତ ହୋଇଛନ୍ତି। ୭୮% ଶ୍ରମିକ ଖାଦ୍ୟ ନିରାପତ୍ତାରେ ସାମିଲ ହୋଇଛନ୍ତି। ରାଜ୍ୟରେ ୧୦ ଲକ୍ଷ ଜନସାଧାରଣ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସାମିଲ ହୋଇଥିବା ବେଳେ ରାଜ୍ୟ ସରକାର ପ୍ରତି ମାସରେ ୨୬୦ କୋଟି ଟଙ୍କା ବିନିଯୋଗ କରୁଛନ୍ତି ବୋଲି ସେ କହିଥିଲେ। ସରକାର ୭୦ ଲକ୍ଷ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାଙ୍କୁ ସ୍ୱାବଲମ୍ବୀ କରିଛନ୍ତି। ରାଜ୍ୟ ବିଜେଡି ସାଂଗଠନିକ ସଂପାଦକ ପ୍ରଣବ ପ୍ରକାଶ ଦାସ ଭର୍ଚ୍ଚୁଆଲ ମାଧ୍ୟମରେ ଶ୍ରମିକମାନେ ସଂଗଠିତ ହୋଇ କାର୍ଯ୍ୟ କରିବା ପାଇଁ ଆହ୍ୱାନ ଦେଇଥିଲେ। ବ୍ରହ୍ମପୁର ଲୋକସଭା ପ୍ରାର୍ଥୀ ଭୃଗୁ ବକ୍ସି ପାତ୍ର, ବିଧାୟକ ପ୍ରାର୍ଥୀ ଡା ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ଗୋପାଳପୁର ବିଧାୟକ ପ୍ରାର୍ଥୀ ବିକ୍ରମ କୁମାର ପଣ୍ଡା, ବିଏମସି ମେୟର ସଂଘମିତ୍ରା ଦଳେଇ, ଡେପୁଟି ମେୟର ବିବେକ ରେଡି, ବିଜୁ ଶ୍ରମିକ ସାମ୍ମୁଖ୍ୟର ସଂପାଦକ ଯୋଗେନ୍ଦ୍ର ସ୍ୱାଇଁ, ଉପସଭାପତି ରାଜୀବ ମହାନ୍ତି, ରାଜେନ୍ଦ୍ର ଦାସ, ଡିଲେଶ୍ୱର ରେଡି ପ୍ରମୁଖ ଉପସ୍ଥିତ ଥିଲେ ।

# ରାସ୍ତାରେ ବିଦ୍ୟୁତ୍ ଖୁଣ୍ଟକୁ ଭିଡ଼ି ରଖିଛି ତାର

ବୁଗୁଡ଼ା, ୨୭।୪(କାଳି ଚରଣ ଦାଶ): ରାସ୍ତା ମଝିରେ ରହିଛି ବିଦ୍ୟୁତ୍ ଖୁଣ୍ଟକୁ ଟାଣି ଧରିଥିବା ଲୁହା ତାର । ଯାହା ଫଳରେ ଅନେକ ଦୁର୍ଘଟଣା ଘଟୁଛି । ଏହାକୁ ବିଦ୍ୟୁତ୍ ବିଭାଗ ଅଣଦେଖା କରୁଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଯାଉଛି। ବୁଗୁଡା ବ୍ଲକର କୁଞ୍ଜବନ-ଗୌଡିଆ ବୋରଦା ଗାଁ କେନାଲ ରାସ୍ତାରେ ଏଭଳି ଅବ୍ୟବସ୍ଥା ଯୋଗୁ ଅନେକ ଥର ଦୁର୍ଘଟଣା ଘଟିଛି। ଗୁରୁବାର ରାତିରେ ଜଣେ ବୃଦ୍ଧ ଗାଈଗୋରୁଙ୍କ ପାଇଁ ସାଇକେଲରେ ଘାସ ବୋଝେଇ କରି ଘରକୁ ଫେରୁଥିବା ବେଳେ ସେହି ତାର ସହ ଧକ୍କା ହୋଇ ଆହତ ହୋଇଥିଲେ । ସ୍ଥାନୀୟ ଲୋକେ ତାଙ୍କୁ ନିକଟସ୍ଥ ମେଡିକାଲକୁ ଆଣି ଚିକିତ୍ସା କରାଇଥିଲେ। ଅନ୍ୟପକ୍ଷରେ ଗତ ସପ୍ତାହରେ ପ୍ରବଳ ଖରାବେଳେ ବାଇକରେ ଆସୁଥିବା ଏକ ଦମ୍ପତି ରାସ୍ତା ମଝିରେ ଥିବା ସେହି ଲୁହା ତାରକୁ ଦେଖି ନ ପାରି ଭାରସାମ୍ୟ ହରାଇ ପଡିଯାଇଥିଲେ। ତେଣୁ ଦୁର୍ଘଟଣାକୁ ଡାକୁଥିବା ରାସ୍ତା ମଝିରେ ଥିବା ସେହି ଷ୍ଟେ ୱାଇରକୁ ତୁରନ୍ତ ହଟାଇବା ନିମନ୍ତେ ସାଧାରଣରେ ଦାବି ହେଉଛି ।

# ନୂଆଗଡରେ ବିଜେଡିର ପ୍ରସ୍ତୁତି ବୈଠକ



ନୂଆଗଡ଼, ୨୭।୪(ଯୋଗ୍ୟବନ୍ତ ପରିଛା): ନୂଆଗଡ ବ୍ଲକ ଅନ୍ତର୍ଗତ ବଡ଼ପଦା ପଞ୍ଚାୟତଠାରେ ବିଜେଡିର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ବିଜେଡି ଜିଲା ସଭାପତି ଜଗବନ୍ଧୁ ଦାସ, ମୋହନା ନିର୍ବାଚନ ମଣ୍ଡଳି ବିଜେଡି ପର୍ଯ୍ୟବେକ୍ଷକ ପୃଥ୍ୱୀରାଜ ସାହୁ, ନୂଆଗଡ଼ ବ୍ଲକ ବିଜେଡି ସଭାପତି ଜନ ମାଝୀ, ଏମ୍‌ପି ପ୍ରତିନିଧି ରିଙ୍କୁ ପାଣି, ସିନ୍ଦୁରଡାଙ୍ଗ ସରପଞ୍ଚ ପ୍ରେମା ମାଝି, ବିଜେଡି ଜିଲା ସମ୍ପାଦକ ଯକ୍ଷ ରଇତ ଏବଂ ନୂଆଗଡ଼ ବ୍ଲକ ୧୯ଟି ପଞ୍ଚାୟତର ଶତାଧିକ ବିଜେଡି କର୍ମୀ ଯୋଗ ଦେଇଥିଲେ। ଏହି ବୈଠକରେ ସଭାପତି ଜଗବନ୍ଧୁ ଦାସ ଦଳର ବିକାଶ ମୂଳକ ବା ଯେଉଁମାନଙ୍କୁ ବିଜୁ ସ୍ୱାସ୍ଥ୍ୟ କାର୍ଡ ବା କାଳିଆ ଯୋଜନା ଆଜି ଯାଏ ମିଳିନାହିଁ, ସେମାନଙ୍କ ସମସ୍ୟା ସମାଧାନ ଏବଂ ଅନ୍ୟାନ୍ୟ ସମସ୍ୟା ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପର୍ଯ୍ୟବେକ୍ଷକ ପୃଥ୍ୱୀରାଜ ପ୍ରତ୍ୟେକ ପଞ୍ଚାୟତରେ କମିଟି ଗଠନ କରାଯିବ ଏବଂ ପ୍ରତ୍ୟେକ ୱାର୍ଡରେ ଦଳ ସଙ୍ଗଠନ କରି ବିଜେଡି ଯେପରି ବିଜୟ ହାସଲ କରିବ ସେ ନେଇ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ଶେଷରେ ସଭାପତି ଜନ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

# କନ୍ଧମାଳରେ ଯୋଗଦେଲେ ନିର୍ବାଚନ ପର୍ଯ୍ୟବେକ୍ଷକ

ଫୁଲବାଣୀ, ୨୭।୪(ରାକେଶ କୁମାର ରାଉତ): କନ୍ଧମାଳ ସଂସଦୀୟ କ୍ଷେତ୍ର ପାଇଁ ଏନ୍. କେ. ମିଶ୍ର, ବାଲିଗୁଡ଼ା, ଜି.ଉଦୟଗିରି ଓ ଫୁଲବାଣୀ ବିଧାନସଭା ପାଇଁ ଏସ୍. ଅରୁନ୍ କୁମାର, ନିର୍ବାଚନ ବ୍ୟୟ ପର୍ଯ୍ୟବେକ୍ଷକ ଭାବେ କନ୍ଧମାଳ ଜିଲାରେ ଯୋଗ ଦେଇଛନ୍ତି। ଆଗାମୀ ନିର୍ବାଚନକୁ ମୁକ୍ତ, ଅବାଧ ଓ ଶାନ୍ତିପୂର୍ଣ୍ଣ କରିବା ଉପରେ ଗୁରୁତ୍ୱ ଦେଇ ପର୍ଯ୍ୟବେକ୍ଷକମାନେ କାର୍ଯ୍ୟ ଆରମ୍ଭ କରିବେ ବୋଲି କହିଛନ୍ତି। ମତଦାନ ଓ ଭୋଟ ଗଣନାର ଅବ୍ୟବହିତ ପୂର୍ବରୁ ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ଆଶିଷ ଈଶ୍ୱର ପାଟିଲ୍ ସାଧାରଣ ନିର୍ବାଚନ-୨୦୨୪ ପାଇଁ ନିଯୁକ୍ତ ହୋଇଥିବା ଆକାଉଣ୍ଟିଂ ଟିମ୍, ଫ୍ଲାଇଙ୍ଗ୍ ସ୍କ୍ୱାଡ୍ ଟିମ୍, ଷ୍ଟାଟିକ୍ ସର୍ଭେଲାନ୍ସ ଟିମ୍, ଭିଡିଓ ସର୍ଭେଲାନ୍ସ ଟିମ୍, ଭିଡିଓ ଭ୍ୟୁଇଙ୍ଗ୍ ଟିମ୍, ସହକାରୀ ବ୍ୟୟ ପର୍ଯ୍ୟବେକ୍ଷକ ଟିମ୍, ଏମ୍.ସି.ଏମ୍.ସି. ଅଭିଯୋଗ ମନିଟରିଂ କଣ୍ଟ୍ରୋଲ୍ ରୁମ୍, କଲ୍ ସେଣ୍ଟର୍ ଏବଂ କେନ୍ଦ୍ରୀୟ ତଥା ରାଜ୍ୟ ଏନ୍‌ଫୋର୍ସମେଣ୍ଟ ଏଜେନ୍ସିର କାର୍ଯ୍ୟ ସମ୍ପର୍କରେ ପାୱାର ପଏଣ୍ଟ ମାଧ୍ୟମରେ ବ୍ୟୟ ପର୍ଯ୍ୟବେକ୍ଷକମାନଙ୍କୁ ଅବଗତ କରାଇଥିଲେ। ବିଭିନ୍ନ ଟିମ୍‌ର ନୋଡାଲ ଅଧିକାରୀମାନେ ମଧ ସେମାନଙ୍କ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଉକ୍ତ ବୈଠକରେ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ରତ୍ନାକର ସାହୁ, ଅତିରିକ୍ତ ଜିଲାପାଳ ଅଶୋକ କୁମାର ଭୋଇ, ଅତିରିକ୍ତ ଜିଲାପାଳ (ନିର୍ବାଚନ) ରମେଶ ଚନ୍ଦ୍ର ଜେନା, କନ୍ଧମାଳ ଉପ ଜିଲାପାଳ ଚଉିତ୍ତରନ ମହନ୍ତ, ସହକାରୀ ଜିଲାପାଳ(ନିର୍ବାଚନ) ଡି. ମାଳେଶ୍ୱର ପାତ୍ରଙ୍କ ସମେତ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ।



# କଳିଙ୍ଗା ବିଏଡ୍ କଲେଜରେ ଚିତ୍ରକଳା ପ୍ରଦର୍ଶନୀ



ପ୍ରଦର୍ଶନୀ ଶୁଭାରମ୍ଭ କରୁଛନ୍ତି ଅତିଥି ।

ଜି.ଉଦୟଗିରି, ୨୭।୪(ଶିଶିର ପଟ୍ଟନାୟକ): ଜି.ଉଦୟଗିରି ଅଧୀନ କଳିଙ୍ଗା ବିଏଡ କଲେଜ ତରଫରୁ ଶୁକ୍ରବାର ଚିତ୍ରକଳା ପ୍ରଦର୍ଶନୀ ପ୍ରଦର୍ଶିତ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ କଲେଜର ଗଣିତ ବିଭାଗ ସହକାରୀ ପ୍ରଫେସର ଡକ୍ଟର ଦୀପକ କୁମାର ମହାନ୍ତି ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ଆସିଷ୍ଟାଣ୍ଟ ପ୍ରଫେସର ବିଚିତ୍ର କୁମାର ବେହେରା ଏବଂ ଆସିଷ୍ଟାଣ୍ଟ ପ୍ରଫେସର ସୁଶାନ୍ତ କୁମାର ରଣା ଓ ମୁଖ୍ୟବକ୍ତା ଭାବେ ଆସିଷ୍ଟାଣ୍ଟ ପ୍ରଫେସର ଡକ୍ଟର ସଦାନନ୍ଦ ମେହେର, ଆସିଷ୍ଟାଣ୍ଟ ପ୍ରଫେସର ବିକ୍ରମ କୁମାର ପ୍ରଧାନ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଚିତ୍ର କଳା ପ୍ରଦର୍ଶନୀ ବିଷୟରେ ଆଲୋକପାତ କରିଥିଲେ । ଚିତ୍ରକରମାନେ ଈଶ୍ୱରଙ୍କୁ ସେମାନଙ୍କ ଆତ୍ମା ସହିତ ଏକତ୍ର କରି ଏପରି ସୁନ୍ଦର ଚିତ୍ର ତିଆରି କରିଥାଆନ୍ତି ବୋଲି ପିଲାମାନଙ୍କୁ ବୁଝାଇଥିଲେ । ଏହି ଚିତ୍ର କଳା ଅବସରରେ ବିଏଡ କଲେଜର ସମସ୍ତ ପିଲାମାନଙ୍କୁ ମହିଳା ସଶକ୍ତିକରଣ, ସ୍ୱଚ୍ଛ ଏବଂ ସବୁଜ ଭାରତ, ଜଳ ସଂରକ୍ଷଣ, ଶକ୍ତି ସଂରକ୍ଷଣ, ଲିଙ୍ଗ ବିଭିଧତା, ଗୁଣାତ୍ମକ ଶିକ୍ଷା ଏହିସବୁ ବିଷୟକୁ ନେଇ ଏକ ଚିତ୍ର କଳାର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ୭୦ ଜଣ ଛାତ୍ରୀଛାତ୍ର ନିଜର ସ୍ୱତନ୍ତ୍ର ଚିତ୍ର କଳା ସୃଷ୍ଟି କରି ପରିବେଷିତ କରିଥିଲେ । ଏହି କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଆସିଷ୍ଟାଣ୍ଟ ପ୍ରଫେସର ସୌମ୍ୟରଞ୍ଜନ ନାୟକ ଓ ସୁବ୍ରତ ପାଢ଼ୀ ଏବଂ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ ।

## ସଂକ୍ଷେପରେ

### ହିଙ୍ଗୁଳା ମହାଯଜ୍ଞ ଉଦ୍‌ଯାପିତ



**ଧର୍ମଶାଳା,୨୭।୪(ବଟକୃଷ୍ଣ ପରିଡ଼ା):** ଧର୍ମଶାଳା ବ୍ଲକ୍ ଗଙ୍ଗାଧରପୁର ପଞ୍ଚାୟତ ଅଧୀନ ଇନ୍ଦ୍ରମାନଗରଠାରେ ୪୨ ତମ ହିଙ୍ଗୁଳା ମହାଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ୩ ଦୀନ ବ୍ୟାପୀ ଏହି ଯଜ୍ଞ ଚାଲିଥିଲା। ପ୍ରତିଦିନ ଗୋ ପୂଜା, ସୂର୍ଯ୍ୟ ପୂଜା, ଚଣ୍ଡୀ ପାଠ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ଭଜନ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ହିଙ୍ଗୁଳା କମିଟି ପକ୍ଷରୁ ଗ୍ରାମବାସୀ ଓ ଯଜ୍ଞ ଦେଖିବାକୁ ଆସୁଥିବା ଶ୍ରଦ୍ଧାଳୁଙ୍କୁ ପ୍ରସାଦ ବଣ୍ଟନ କରାଯାଇଥିଲା। ପଣ୍ଡିତ କମଳଲୋଚନ ଶତପଥୀ, ପଣ୍ଡିତ ସୂର୍ଯ୍ୟକାନ୍ତ କର ଓ ପଣ୍ଡିତ ସୁର ଦାଶ ପୂଜାର୍ଚ୍ଚନା କରିଥିଲେ। ପୂଜା କମିଟିର କର୍ମକର୍ତ୍ତା, ସଦସ୍ୟମାନେ ଯଜ୍ଞ ଉତ୍ସବ ପରିଚାଳନା କରିଥିଲେ। ଗାଁର ଯୁବକ ଓ ମୁରବୀମାନେ ସହଯୋଗ କରିଥିଲେ।

## ମୃତ ୫ମ ବ୍ୟକ୍ତିଙ୍କ ପରିଚୟ ମିଳିଲା

### ବାରବାଟୀ ବସ୍ ଦୁର୍ଘଟଣା

**ଧର୍ମଶାଳା,୨୭।୪(ବଟକୃଷ୍ଣ ପରିଡ଼ା):** ଯାଜପୁର ଜିଲା ଧର୍ମଶାଳା ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ବାରବାଟୀଠାରେ ବସ୍ ଦୁର୍ଘଟଣାରେ ପ୍ରାଣ ହରାଇଥିବା ୫ମ ବ୍ୟକ୍ତିଙ୍କ ପରିଚୟ ମିଳିଛି। ମୃତକ ପଶ୍ଚିମବଙ୍ଗ ପୂର୍ବ ମେଦିନାପୁର ଜିଲା ଦେବୀପୁରର ଜଗନ୍ନାଥ ଦାସ(୪୯) ବୋଲି ଜଣାପଡ଼ିଛି। ସେ ଦୀର୍ଘ ଦିନ ହେଲା କଟକରେ ରହି ଶ୍ରମିକ ଭାବେ କାମ କରୁଥିଲେ। ଗତ ୧୫ ତାରିଖରେ ସେ କାଳିଆନନା ବସରେ ଘରକୁ ଫେରୁଥିବାବେଳେ ଦୁର୍ଘଟଣାର ଶିକାର ହୋଇଥିଲେ। ଏହି ଦୁର୍ଘଣାରେ ୫ଜଣଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ୪୦ରୁ ଅଧିକ ଆହତ ହୋଇଥିଲେ। ଦୁର୍ଘଟଣା ପରଦିନ ମୃତକଙ୍କ ପରିଜନ ଧର୍ମଶାଳା ଡାକ୍ତଖାନାକୁ ଆସି ମୃତଦେହ ଚିହ୍ନଟ କରି ନିଜ ଗାଁକୁ ନେଇ ଯାଇଥିଲେ। ହେଲେ ଜଗନ୍ନାଥଙ୍କ ପରିଚୟ ମିଳି ପାରି ନ ଥିଲା। ଫଳରେ ପୋଲିସ ତାଙ୍କ ମୃତଦେହ ବ୍ୟବଚ୍ଛେଦ କରାଇ ଯାଜପୁର ଡାକ୍ତରଖାନା ଶବାଗାରରେ ରଖିଥିଲା। କଟକରେ କାମ କରୁଥିବା ଅନ୍ୟଶ୍ରମିକମାନେ ଘରକୁ ଯିବା ପରେ ଜଗନ୍ନାଥ ୧୫ ତାରିଖରୁ ଘରକୁ ଫେରିଥିବା ତାଙ୍କ ପରିବାର ଲୋକଙ୍କୁ କହିଥିଲେ। ପରେ ତାଙ୍କ ପରିବାର ଲୋକେ ଖୋଜାଖୋଜି କରି ଧର୍ମଶାଳା ଥାନାରେ ପହଞ୍ଚିଥିଲେ। ସେଠାରୁ ଯାଜପୁର ଯାଇ ମୃତଦେହ ଚିହ୍ନଟ କରିଥିଲେ। ପୋଲିସ ସମସ୍ତ ପ୍ରମାଣ ପାଇବା ପରେ ମୃତଦେହକୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ଥାନା ଅଧିକାରୀ ତପନ କୁମାର ନାୟକ ସୂଚନା ଦେଇଛନ୍ତି।

# ବିପଦରେ ବିଞ୍ଝାରପୁର-ମଧୁପୁର ରାସ୍ତା

**ଓଭର ଲୋଡିଂ ବାଲି ପରିବହନ**

- ଲିଜ୍ ପରିମାଣଠାରୁ ଅଧିକ ଉତ୍ତୋଳନ
- ରାସ୍ତା ମରାମତି ନାମରେ ହରିଲୁଟ

**ପ୍ରୀତିପୁର,୨୭।୪(ସୁଶାନ୍ତ ବେହୁରିଆ):** ସରକାର ଗମନାଗମନର ବିକାଶ ନିମନ୍ତେ ବିଭିନ୍ନ ବିଭାଗ ମାଧ୍ୟମରେ ବିପୁଳ ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ କେତେକ କ୍ଷେତ୍ରରେ ବିଭାଗ ମଧ୍ୟରେ ତାଳମେଳର ଅଭାବ ଓ କର୍ମଚାରୀଙ୍କ ଲାଞ୍ଚଖୋର ମନୋବୃତ୍ତି ଯୋଗୁ ସାଧାରଣ ଜନତା ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଯାହାର ଉଦାହରଣ ଯାଜପୁର ଜିଲାର ବିଞ୍ଝାରପୁର ବ୍ଲକ ଆଞ୍ଚଳରେ ଦେଖାଯାଇଛି। ବ୍ଲକ ଅଧୀନରେ ଥିବା ଏକାଧିକ ବାଲିଘାଟରୁ ଓଭର ଲୋଡିଂ ବାଲି ପରିବହନ ଯୋଗୁ ବିଞ୍ଝାରପୁର ଅଞ୍ଚଳର ରାସ୍ତାଘାଟ ବିପର୍ଯ୍ୟସ୍ତ ହୋଇପଡୁଛି। ରାସ୍ତାରେ ବାଲି ଜମିରହି ଏକାଧିକ ଦୁର୍ଘଟଣାର କାରଣ ପାଲଟୁଛି। ବିଞ୍ଝାରପୁର ବ୍ଲକ ନିକଟ ଗୌଡ଼ ସାହି ରାସ୍ତା ଏବଂ ବ୍ଲକ ଛକଠାରୁ ଦଶରଥପୁର ବ୍ଲକର ମଧୁପୁରକୁ ସଂଯୋଗ କରୁଥିବା ପୂର୍ତ୍ତ ବିଭାଗ ରାସ୍ତା ଏବେ ବିପଦରେ ରହିଛି।



ବିଞ୍ଝାରପୁର-ମଧୁପୁର ରାସ୍ତାରେ ସୃଷ୍ଟି ହୋଇଥିବା ଫାଟ।

ଦିନରାତି ଖରସ୍ରୋତା ନଦୀଘାଟରୁ ବାଲି ବୋଝେଇ ହାଇୱା ଯାତାୟାତ କରିବା ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ବାଲି ଜମା ହୋଇ ଯାତାୟାତରେ ଅସୁବିଧା ସୃଷ୍ଟି କରୁଛି। ଏପରି କି ବ୍ଲକ ସମ୍ମୁଖ ରାସ୍ତାରେ ୨/୩ ଇଞ୍ଚର ବାଲି ଜମା ହେବା ଫଳରେ ଏକାଧିକ ଦୁର୍ଘଟଣା ଘଟୁଛି। ଅନୁମତିଠାରୁ ୨ ଗୁଣା ବାଲି ପରିବହନ କରୁଥିବା ହାଇୱାଗୁଡ଼ିକ ଯୋଗୁ ରାସ୍ତା ବହୁ ଜାଗାରେ ଦବିଯିବା ସହିତ ଖାଲଖମା ଓ ବହୁ ସ୍ଥାନରେ ଫାଟି ଆଁ କରିଥିବା ଦେଖାଯାଇଛି। ପୂର୍ତ୍ତ ବିଭାଗ ଅଧୀନରେ ଆସୁଥିବା ଏହି ରାସ୍ତାରେ ୨୫ ଟନ କ୍ଷମତା ରହିଥିବାବେଳେ ରାସ୍ତାରେ ୫୦ ଟନ ଓଜନର ବାଲି ବୋଝେଇ ହାଇୱା ଯାତାୟାତ କରୁଛି। ଫଳରେ ରାସ୍ତା ଅବସ୍ଥା ଦିନକୁ ଦିନ ବିପର୍ଯ୍ୟସ୍ତ ହୋଉପଡୁଛି। ପୂର୍ତ୍ତ ବିଭାଗ ପକ୍ଷରୁ ୧୮.୫ କି.ମି. ବିଶିଷ୍ଟ ଉକ୍ତ ରାସ୍ତା ପୁନଃ ନିର୍ମାଣ କରା ନ ଯାଇ ପ୍ରତିବର୍ଷ ମରାମତି ନାମରେ ବିପୁଳ ଟଙ୍କା ହଡପ କରାଯାଇଥିବା ଅଭିଯୋଗ ହେଉଛି।

ଅପରପକ୍ଷରେ ବାଲିଘାଟ ନିଲାମ ଓ ଏହାକୁ ତଦାରଖ ଦାୟିତ୍ୱ ସରକାର ତହସିଲଦାରଠାରୁ କାଢ଼ି କ୍ଷୁଦ୍ର ଖଣିଜ ଦ୍ରବ୍ୟ ପରିଚାଳନା ବିଭାଗକୁ ହସ୍ତାନ୍ତର କରିବା ପରେ ବାଲି ମାଫିଆ ମନଇଚ୍ଛା କ୍ଷୁଦ୍ର ଖଣିଜ ଦ୍ରବ୍ୟ ଲୁଟ କରିବାରେ ଲାଗିଛନ୍ତି। ଏପରି କି ଲିଜ ପରିମାଣଠାରୁ ବହୁ ଅଧିକ ବାଲି ଉତ୍ତୋଳନ ଓ ବିକ୍ରି କରୁଥିବା ଅଭିଯୋଗ ହେଉଛି। ଧର୍ଯ୍ୟ ଅଞ୍ଚଳଠାରୁ ଅଧିକ ବାଲି ଉତ୍ତୋଳନ ଫଳରେ ନଦୀ ବନ୍ଧ ପ୍ରତି ବିପଦ ସୃଷ୍ଟି ହେବା ସହିତ ନଦୀର ଗତିପଥ ମଧ୍ୟ ପରିବର୍ତ୍ତନର ଆଶଙ୍କା ରହିଛି। ଏ ସମ୍ପର୍କରେ ବିଞ୍ଝାରପୁର ତହସିଲଦାର କୈଳାଶ ଚନ୍ଦ୍ର ମହାଳିକଙ୍କୁ ପଚାରିବାରେ ସେ ଏପରି ଅଭିଯୋଗ ସମ୍ପର୍କରେ ଖଣି ବିଭାଗ ଡେପୁଟି ଡାଇରେକ୍ଟରଙ୍କୁ ଲିଖିତ ଭାବେ ଅବଗତ କରିଥିବା କହିଛନ୍ତି। ଅପରପକ୍ଷରେ ରାସ୍ତାରେ ଜମି ରହୁଥିବା ବାଲି ସଫା କରିବା ପାଇଁ ଖୁବ୍‌ଶୀଘ୍ର ବ୍ୟବସ୍ଥା କରାଯିବ ବୋଲି ପୂର୍ତ୍ତ ବିଭାଗ ଏସ୍‌ଡିଓ ରାମଚନ୍ଦ୍ର ମଲ୍ଲିକ କହିଛନ୍ତି। ଏବେ ଦେଖିବାକୁ ଅପେକ୍ଷା ଆଗକୁ ଏ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଉଛି।

# ରାହୁଲଙ୍କ ଗସ୍ତକୁ ନେଇ କଂଗ୍ରେସରେ ଉତ୍ସାହ

**ବିଞ୍ଝାରପୁର,୨୭।୪(ରାମକୃଷ୍ଣ ଦାସ):** କଂଗ୍ରେସ ନେତା ରାହୁଲ ଗାନ୍ଧୀ ରବିବାର ଓଡ଼ିଶା ଗସ୍ତରେ ଆସି ସାଲେପୁରଠାରେ ନିର୍ବାଚନୀ ପ୍ରଚାର କରିବା ସହ ଏକ ସାଧାରଣ ସଭାରେ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ରାହୁଲଙ୍କ ଏହି ଗସ୍ତକୁ ନେଇ ବିଞ୍ଝାରପୁର ନିର୍ବାଚନମଣ୍ଡଳୀ କଂଗ୍ରେସରେ ଉତ୍ସାହ ଦେଖିବାକୁ ମିଳିଛି। ରାହୁଲଙ୍କ ସଭାରେ ବିଞ୍ଝାରପୁର କଂଗ୍ରେସରୁ ୫୦୦ରୁ ଅଧିକ କର୍ମୀ ଯୋଗଦେବେ ବୋଲି ଜଣାପଡିଛି। କଂଗ୍ରେସ ନେତ୍ରୀ ତଥା ବିଞ୍ଝାରପୁର ନିର୍ବାଚନମଣ୍ଡଳୀ ବିଧାୟକ ପ୍ରାର୍ଥୀ କନକଲତା ମଲ୍ଲିକ ରାହୁଲଙ୍କ ଏହି ଗସ୍ତକୁ ସଫଳ କରିବା ପାଇଁ କର୍ମୀଙ୍କୁ ଆହ୍ୱାନ ଦେଇଛନ୍ତି। ବିଜେଡି ଓ ଭାଜପା ସରକାର ବିକାଶ ନାଁରେ ରାଜ୍ୟକୁ ଖୋଳ କରିସାରିଲେଣି। ଓଡ଼ିଶା ବିକାଶରେ କଂଗ୍ରେସର ଭୂମିକା ଅତୁଳନୀୟ ରହିଛି। ତେଣୁ ଆଗାମୀ ଦିନରେ ରାହୁଲଙ୍କ ନେତୃତ୍ୱକୁ ଲୋକେ ପସନ୍ଦ କରି କଂଗ୍ରେସ ପ୍ରତି ଆକୃଷ୍ଟ ହେବେ ଓ ରାଜ୍ୟରେ ବିଜେଡି ଏବଂ ଭାଜପାକୁ କଡ଼ା ଜବାବ ଦେବେ ବୋଲି କନକଲତା ପ୍ରକାଶ କରିଛନ୍ତି।



ସମର୍ଥକଙ୍କ ସହ ବିଞ୍ଝାରପୁର ନିର୍ବାଚନମଣ୍ଡଳୀ ବିଧାୟକ ପ୍ରାର୍ଥୀ କନକଲତା ମଲ୍ଲିକ।

# ପ୍ରମିଳାଙ୍କ ପାଇଁ ପ୍ରଚାର କରିବ ଛାତ୍ର ବିଜେଡି



ବୈଠକରେ ବିଜେଡି ବିଧାୟକ ପ୍ରାର୍ଥୀ ପ୍ରମିଳା ମଲ୍ଲିକ ଓ ଛାତ୍ର ବିଜେଡି କର୍ମୀଙ୍କ ସମେତ ଅନ୍ୟମାନେ।

**ବିଞ୍ଝାରପୁର,୨୭।୪(ରାମକୃଷ୍ଣ ଦାସ):** ସାଧାରଣ ନିର୍ବାଚନ ତାରିଖ ଯେତିକି ପାଖେଇ ଆସୁଛି ବିଞ୍ଝାରପୁର ନିର୍ବାଚନମଣ୍ଡଳୀରେ ରାଜନୈତିକ ହାୱା ସେତେ ତୀବ୍ର ହେଉଛି। ଚଳିତ ସାଧାରଣ ନିର୍ବାଚନରେ ବିଞ୍ଝାରପୁର ବିଧାନସଭା ଆସନ ପାଇଁ ୩ ପ୍ରମୁଖ ରାଜନୈତିକ ଦଳ ବିଜେଡି, ଭାଜପା ଓ କଂଗ୍ରେସ ନିଜର ରଣନୀତି ପ୍ରସ୍ତୁତ କରି ପ୍ରଚାର ମଇଦାନକୁ ଓହ୍ଲାଇଛନ୍ତି। ବିଜେଡି ବିଧାୟକ ପ୍ରାର୍ଥୀ ପ୍ରମିଳା ମଲ୍ଲିକଙ୍କ ପାଇଁ ପ୍ରଚାର ମଇଦାନକୁ ଅବତରଣ କରିବ ଛାତ୍ର ବିଜେଡି। ବିଜେଡି ଛାତ୍ର ନେତା ଲେନିନ୍ ଦାସଙ୍କ ନେତୃତ୍ୱରେ ହଜାରହଜାର ଛାତ୍ର ସଂଗଠକ ପ୍ରତି ଗାଁକୁ ଯାଇ ପ୍ରମିଳାଙ୍କ ପାଇଁ ପ୍ରଚାର ମଙ୍ଗ ଧରିବେ। ଶନିବାର ଫତେପୁରସ୍ଥିତ ସୋନୀ ମଣ୍ଡପଠାରେ ଛାତ୍ର ବିଜେଡି ସଭାପତି ଲେନିନ୍ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଏକ ସଭାରେ ବିଧାୟିକା ପ୍ରାର୍ଥୀ ପ୍ରମିଳା ଯୋଗଦେଇ ଛାତ୍ରମାନଙ୍କୁ ଗୁରୁମନ୍ତ୍ର ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶଧାରାକୁ ଘରେଘରେ ପହଞ୍ଚାଇବା ସହିତ ବିଞ୍ଝାରପୁର ଅଞ୍ଚଳର ବିକାଶର ତାଲିକା ଲୋକଙ୍କ ନିକଟରେ ପହଞ୍ଚାଇବାକୁ ପ୍ରମିଳା ଛାତ୍ରମାନଙ୍କୁ ଆହ୍ୱାନ କରିଛନ୍ତି। ଛାତ୍ରନେତା ଲେନିନ୍ ବିଞ୍ଝାରପୁର ଅଞ୍ଚଳର ଲୋକପ୍ରିୟ ସଂଗଠକ ହୋଇଥିବାବେଳେ ତାଙ୍କ ନେତୃତ୍ୱରେ ବିଭିନ୍ନ ପଞ୍ଚାୟତର ଶହଶହ ଛାତ୍ରୀଛାତ୍ର ପ୍ରମିଳାଙ୍କ ପ୍ରଚାର ମଙ୍ଗ ଧରିବାକୁ ଆଗଭର ହୋଇଛନ୍ତି। ଲେନିନ୍ ଓ ତାଙ୍କ ନେତୃତ୍ୱରେ ଛାତ୍ର ସଂଗଠନ ପ୍ରମିଳାଙ୍କ ପାଇଁ ପ୍ରଚାର ମଇଦାନକୁ ଓହ୍ଲାଇବା ବିରୋଧୀଙ୍କ ଶିବିରରେ ହଲଚଲ ମଚାଇଥିବାବେଳେ ପ୍ରମିଳାଙ୍କ ପାଇଁ ବେଶ ଲାଭଦାୟକ ହେବ ବୋଲି କୁହାଯାଉଛି। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବିଜେଡି ବ୍ଲକ ସଭାପତି ନନ୍ଦକିଶୋର ସାମଲ, ବ୍ଲକ ଅଧ୍ୟକ୍ଷା ରଞ୍ଜିତା ଦାସ, ଉପାଧ୍ୟକ୍ଷ ସେକ୍ ଏରସାଦ, ଜିଲା ପରିଷଦ ସଭ୍ୟା ସୁନିତା ନାୟକ ଓ ମୁରଲୀ ବେହେରାଙ୍କ ସମେତ ବିଭିନ୍ନ ପଞ୍ଚାୟତରୁ ୩୦୦ରୁ ଊର୍ଦ୍ଧ୍ୱ ଛାତ୍ରସଂଗଠକ ଯୋଗଦେଇଥିଲେ।

## ବ୍ଲକ୍ କଂଗ୍ରେସ କୃଷକ ସେଲ୍ ସଭାପତି ନିଯୁକ୍ତ

**ଧର୍ମଶାଳା,୨୭।୪(ବଟକୃଷ୍ଣ ପରିଡ଼ା):** ଯାଜପୁର ଜିଲା କଂଗ୍ରେସ କୃଷକ ସେଲ୍ ପକ୍ଷରୁ ଧର୍ମଶାଳା ଓ ରସୁଲପୁର ବ୍ଲକ୍‌ର ସଭାପତି ନିଯୁକ୍ତି କରାଯାଇଛି। ଧର୍ମଶାଳା ବ୍ଲକ୍ ସଭାପତି ଭାବେ ମୋହନପୁର ଗ୍ରାମର ଅମରେନ୍ଦ୍ର ସାମଲ ଓ ରସୁଲପୁର ବ୍ଲକ୍ ସଭାପତି ଭାବେ ଚଣ୍ଡିପୁର ଗ୍ରାମର ସୁଶାନ୍ତ ବାରିକଙ୍କୁ ନିଯୁକ୍ତି ଦିଆଯାଇଥିବା ଜିଲା କୃଷକ ସେଲ୍ ସଭାପତି ବସନ୍ତ କୁମାର ପରିଡ଼ା ଏକ ପ୍ରେସ୍ ବିବୃତିରେ ସୂଚନା ଦେଇଛନ୍ତି। ନବନିଯୁକ୍ତ ସଭାପତି ଧର୍ମଶାଳା ବିଧାୟକ ପ୍ରାର୍ଥୀ କିଶାନ ପଣ୍ଡାଙ୍କୁ କୃତଜ୍ଞତା ଜଣାଇଛନ୍ତି। ଅନ୍ୟପକ୍ଷରେ ଏହି ଖବର ଜଣାପଡ଼ିବା ଧର୍ମଶାଳା ବ୍ଲକ୍ କଂଗ୍ରେସ କାର୍ଯ୍ୟକାରୀ ସଭାପତି ପ୍ରଫୁଲ କୁମାର ରାୟ, ପୂର୍ବତନ ବ୍ଲକ୍ ଯୁବ କଂଗ୍ରେସ ସଭାପତି ସଞ୍ଜୟ କୁମାର ରାଉତ, ପୂର୍ବତନ ସମିତିସଭ୍ୟ ନରୋତ୍ତମ ନାୟକ, ନକୁଳ ଚନ୍ଦ୍ର ଜେନା, ଯୁବନେତା ଦୀପକ କୁମାର ବଳ, ଦେବାଶିଷ ପରିଡ଼ା, କାତ୍ତିକେଶ୍ୱର ସାହୁ, କେଦାର ମହାନ୍ତି, ନକୁଳ ମହାନ୍ତି, ସୁରେନ୍ଦ୍ର ରାଉତ, ମଦନ ମଲିକ, ସୁଶାନ୍ତ ମଲିକ, ସନ୍ତୋଷ ମଲିକ, ତ୍ରିଲୋଚନ ମଲିକ ଓ ପ୍ରଭାତ କୁମାର ରାଉତ ନବନିଯୁକ୍ତ କୃଷକ ସେଲ୍ ସଭାପତିଦ୍ୱୟଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ନଗଡ଼ାରେ ଭୋଟର ସଚେତନତା

**କାଳିଆପାଣି,୨୭।୪(ଅସିତ ମହାନ୍ତ):** ଦେଶରେ ସାଧାରଣ ନିର୍ବାଚନ ଚାଲିଛି। ଏଥିରେ ସମସ୍ତେ କିପରି ନିଜର ମତସାବ୍ୟସ୍ତ କରିବେ ଓ ଶତ ପ୍ରତିଶତ ମତଦାନ ହେବ ସେଥିପାଇଁ ସରକାରୀ ଅଧିକାରୀମାନେ ବିଭିନ୍ନ ସ୍ଥାନରେ ଲୋକଙ୍କୁ ସଚେତନ କରୁଛନ୍ତି। ଏହିକ୍ରମରେ ସୁକିନ୍ଦା ନିର୍ବାଚନୀମଣ୍ଡଳୀର ବିଭିନ୍ନ ସ୍ଥାନରେ ଲୋକଙ୍କୁ ସଚେତନ କରାଯାଇଛି। ଶୁକ୍ରବାର ଯାଜପୁର ଅତିରିକ୍ତ ଜିଲାପାଳ ଲଙ୍କେଶ୍ୱର ଅମାତ ଯୋଗଦେଇ ନଗଡ଼ା ଜୁଆଙ୍ଗ ଜନଜାତିଙ୍କୁ ଭୋଟ ଦେଇ ନିଜ ଅଧିକାର ସାବ୍ୟସ୍ତ କରିବା ପାଇଁ ସଚେତନ କରାଇଛନ୍ତି। ନୂତନ ଭୋଟରଙ୍କୁ ସ୍ୱାଗତ କରିବା ଶହ ଶତ ପ୍ରତିଶତ ଭୋଟ ଦେବା ପାଇଁ ପ୍ରବର୍ତ୍ତାଇଛନ୍ତି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଏଲଓ ସୁପରଭାଇଜର ଅନୱାର ଅଲି ଖାଁ ଓ ଅସ୍ୱେୟର ପ୍ରତିନିଧି ସରୋଜ ମହାକୁଡ ପ୍ରମୁଖ ଯୋଗ ଦେଇଥିଲେ।



ସରକାରୀ ଅଧିକାରୀମାନେ ନଗଡ଼ାବାସୀଙ୍କୁ ମତଦାନ ସମ୍ପର୍କରେ ସଚେତନ କରୁଛନ୍ତି।

## ଶର୍ଟ ସର୍କିଟ୍‌ରୁ ଜଳିଗଲା ଆସବାବପତ୍ର

**ଧର୍ମଶାଳା,୨୭।୪(ବଟକୃଷ୍ଣ ପରିଡ଼ା):** ଧର୍ମଶାଳା ବ୍ଲକ ଅଧୀନ ଚହଟା ଗ୍ରାମରେ ଗୁରୁବାର ରାତିରେ ଏସି ସଟର୍ଶର୍କିଟରୁ ପ୍ରଶାନ୍ତ ମହାଳିକଙ୍କ ଘରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ତାଙ୍କ ଘରର ବହୁ ଆସବାବପତ୍ର ପୋଡି ପାଉଁଶ ହୋଇଯାଇଛି। ପ୍ରଶାନ୍ତଙ୍କ ଉପରମହଲାରେ ଲାଗିଥିବା ଏସିରେ ରାତି ପ୍ରାୟ ଗୋଟାଏବେଳେ ଅଗ୍ନିକାଣ୍ଡ ଘଟିଥିଲା। ଖବର ପାଇ ଚଣ୍ଡିଖୋଲ ଦମକଳ ବାହିନୀ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏହି ଅଗ୍ନିକାଣ୍ଡରେ ପ୍ରଶାନ୍ତଙ୍କ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡ଼ି ଯାଇଥିବା ପ୍ରାଥମିକ ଅକଳନରୁ ଜଣାପଡ଼ିଛି।

# ଜିନ୍ଦଲ ଷ୍ଟେନ୍‌ଲେସ୍ ପକ୍ଷରୁ ଜଳଛତ୍ର

**କଳିଙ୍ଗନଗର,୨୭।୪ (ଶୁଭାଶିଷ ରାଉତ):** ଗ୍ରୀଷ୍ମ ପ୍ରବାହକୁ ଆଖିରେ ରଖି କଳିଙ୍ଗନଗର ଜିନ୍ଦଲ ଷ୍ଟେନ୍‌ଲେସ୍ ଲିମିଟେଡ୍ ପକ୍ଷରୁ ୨୦ ନମ୍ବର ରାଜ୍ୟ ରାଜପଥର ଜିନ୍ଦଲ ମେନଗେଟ ପାର୍କିଂ ନିକଟରେ ଏକ ଜଳଛତ୍ର କେନ୍ଦ୍ର ସ୍ଥାପନ କରାଯାଇଛି। ଏହି କେନ୍ଦ୍ରକୁ କାରଖାନାର ଅର୍ଥ ବିଭାଗ ମୁଖ୍ୟ ସୁନୀଲ ଅଗ୍ରୱାଲ ଉଦ୍‌ଘାଟନ କରିବା ସହ ତୃଷାର୍ତ୍ତ ପଥଚାରୀଙ୍କୁ ଶୁଦ୍ଧ ଓ ଶୀତଳ ପାନୀୟ ଜଳ ବଣ୍ଟନ କରିଛନ୍ତି। ଏହି ଅବସରରେ ସେ କହିଥିଲେ, ଏହି କେନ୍ଦ୍ର ଦ୍ୱାରା ପଥଚାରୀମାନଙ୍କ ସହିତ ବିଭିନ୍ନ କାରଖାନାରେ କାର୍ଯ୍ୟ କରୁଥିବା ଶ୍ରମିକମାନେ ବିଶେଷଭାବେ ଉପକୃତ ହୋଇପାରିବେ। ଆଗାମୀ ବର୍ଷଗୁଡ଼ିକରେ ଆବଶ୍ୟକତାକୁ ଦେଖି ଅଧିକ ଜଳଛତ୍ର କେନ୍ଦ୍ର ଖୋଲାଯିବ। କାରଖାନାରେ କାର୍ଯ୍ୟ କରୁଥିବା ସମସ୍ତ କର୍ମଚାରୀ ତଥା ଠିକା କର୍ମଚାରୀଙ୍କ ପାଇଁ କାରଖାନାର ବିଭିନ୍ନ ସ୍ଥାନରେ ଜଳଛତ୍ର କେନ୍ଦ୍ର ଖୋଲାଯାଇଛି ବୋଲି ସେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ କମ୍ପାନୀର ମାନବ ସମ୍ବଳ ବିଭାଗର ମୁଖ୍ୟ ରାକେଶ ପାଠକ ଯୋଗଦେଇ ଏହି କାର୍ଯ୍ୟକ୍ରମ ଜୁନ୍ ପ୍ରଥମ ସପ୍ତାହ ପର୍ଯ୍ୟନ୍ତ ଚାଲୁ ରହିବ। ଆଗାମୀ କିଛିଦିନ ମଧ୍ୟରେ ଆଖପାଖରେ କମ୍ପାନୀ ତରଫରୁ ୨ ସ୍ଥାୟୀ ସ୍ୱତଃ ଜଳ ଯୋଗାଣ ମେଶିନ ସ୍ଥାପନ କରାଯିବ ବୋଲି କହିଥିଲେ। ମ୍ୟାଟେରିଆଲ ବିଭାଗ ମୁଖ୍ୟ ବାଳକୃଷ୍ଣ ପାଣିଗ୍ରାହୀ, କ୍ରୟ ବିଭାଗ ମୁଖ୍ୟ ବିନୟ ପ୍ରସାଦ ଉପସ୍ଥିତ ରହି ପଥଚାରୀମାନଙ୍କୁ ପାନୀୟ ଜଳ ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମରେ କମ୍ପାନୀର ଅନ୍ୟ ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ କମ୍ପାନୀର ବିସ୍ଥାପନ ଓ ଥଇଥାନ ତଥା ବାହ୍ୟ ସମ୍ପର୍କ ବିଭାଗର ମିହିର କୁମାର ଦାସ ଏବଂ ସଂଗୀତା ମହାପାତ୍ର ପରିଚାଳନା କରିଥିଲେ।




ଜିନ୍ଦଲ ଷ୍ଟେନ୍‌ଲେସ୍‌ର ଅଧିକାରୀ ଜଳଛତ୍ରକୁ ଉଦ୍‌ଘାଟନ କରୁଛନ୍ତି।

## ୩ ବଖରା ଜଳିଗଲା

**ପଟ୍ଟାମୁଣ୍ଡାଇ,୨୭।୪(କଳ୍ପତରୁ ନାୟକ):** କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଚଉଦକୁଲାଟ ଫାଣ୍ଡି ଗାଙ୍ଗପଡ଼ା ଗ୍ରାମର ଅଶୋକ ଜେନାଙ୍କ ଘରେ ଶୁକ୍ରବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ୩ ବଖରା ଜଳିଯାଇଛି। ଘରେ ଥିବା ଧାନ, ଚାଉଳ, ଟଙ୍କା, ପୋଷାକ ଆଦି ସମସ୍ତ ଆସବାବପତ୍ର ପୋଡ଼ି ଯାଇଛି। ଘରେ ସମସ୍ତେ ଶୋଇଥିବା ବେଳେ ନିଆଁ ଲାଗିଯାଇଥିଲା। ଏ ସମ୍ପର୍କରେ ପଟ୍ଟାମୁଣ୍ଡାଇ ଦମକଳ ବାହିନୀ ଖବର ପାଇ ନିଆଁକୁ ଆୟତ କରିଥିଲେ। ହେଲେ ସେତେବେଳକୁ ଅଶୋକଙ୍କ ୩ ବଖରା ଘର ସମ୍ପୂର୍ଣ୍ଣ ଜଳି ଯାଇଥିଲା। ନିଆଁ ଲାଗିବାର କାରଣ ସ୍ପଷ୍ଟ ହୋଇ ନ ଥିଲେ ମଧ୍ୟ କେହି ବିଳମ୍ବିତ ରାତିରେ ତାଙ୍କ ଘରେ ନିଆଁ ଲଗାଇ ଦେଇଥିବା ସନ୍ଦେହ କରାଯାଉଛି। ଏ ସଂକ୍ରାନ୍ତରେ ଚଉଦକୁଲାଟ ଫାଣ୍ଡିରେ ଲିଖିତ ଅଭିଯୋଗ କରାଯାଇଛି। ଅଶୋକ ଜଣେ ଭୂମିହୀନ ଦିନ ମଜୁରିଆ ହୋଇଥିବା ବେଳେ କେନାଲ ବନ୍ଧ ପାର୍ଶ୍ୱରେ ୩ ବଖରା ଚାଳଛପର ଘର କରି ଦୀର୍ଘ ୨୦ ବର୍ଷ ହେବ ପରିବାର ସହିତ ରହିଆସୁଛନ୍ତି। ତେଣୁ ଅଗ୍ନି ବିପନ୍ନଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ସ୍ଥାନୀୟ ସରପଞ୍ଚ ଅଶ୍ୱିନୀ କୁମାର ପାତ୍ର, ସାମାଜିକ କର୍ମୀ ରଞ୍ଜନ କୁମାର ସାହୁ ଓ ସ୍ଥାନୀୟ ଲୋକମାନେ ଦାବି କରିଛନ୍ତି।

# ଅସହ୍ୟ ତାତିରେ ଚାଲିଛି ଇଟାପୋଡ଼ା



ଧର୍ମଶାଳା ତହସିଲ ଅଞ୍ଚଳରେ ଇଟାପୋଡ଼ା ଚାଲିଛି।

**ପ୍ରଶାସନର ଚିନ୍ତା ନାହିଁ**

**କାଏମା,୨୭।୪(ଶିବପ୍ରସାଦ ମହାନ୍ତି):** ଧର୍ମଶାଳା ତହସିଲ ଅଞ୍ଚଳର ଅନେକ ସ୍ଥାନରେ ଅସହ୍ୟ ଗରମ ସତ୍ତ୍ୱେ ଚାଲିଛି ଇଟାପୋଡ଼ା। ପ୍ରଶାସନ ପକ୍ଷରୁ ଏହା ଉପରେ କଡ଼ାକଡ଼ି ଯାଞ୍ଚ କରାଯାଉ ନ ଥିବାରୁ ଏଭଳି ବେଆଇନ କାର୍ଯ୍ୟ ବଢ଼ିଚାଲିଛି। ବ୍ଲକ୍ ଅଞ୍ଚଳର ବଡ଼କାଏମା, ଅଭୟପୁର, ନିଳାଦେଇପୁର, ମିର୍ଜାପୁର, ପାଟପୁର, ଦେଓଦା, ବମ୍ଫୁ, ରାଧାନଗର, ନୀଳକଣ୍ଠପୁର ଓ ନରସିଂହପୁର ଆଦି ଅଞ୍ଚଳରେ ଦେଖିବାକୁ ମିଳୁଛି ଏଭଳି ଇଟାଭାଟି। କିଛି ସ୍ଥାନରେ ଗୋଚର ଜମିକୁ ଦଖଲ କରି ବେଆଇନ ଭାବରେ ଇଟା ପୋଡ଼ାଯାଉଛି। ଏପରି କି ରାସ୍ତା କଡ଼ରେ ମଧ୍ୟ ଭାଟି ଲଗାଯାଉଛି। ଫଳରେ ରାସ୍ତା ଧୂଆଁମୟ ହୋଇଯାଉଛି। ଏହି ଇଟା ଭାଟିରୁ ନିର୍ଗତ ଧୂଆଁ ଓ ଉତ୍ତାପ ସାଧାରଣ ଲୋକ ଏବଂ ଛୋଟ ପିଲାଙ୍କ ପାଇଁ ବିପଦ ସୃଷ୍ଟି କରୁଛି। ତହସିଲ ଅଧୀନ ପାଟପୁର ମୌଜାରେ ଏକ ବ୍ୟାଙ୍କକୁ ଲାଗି ବେଆଇନ ଭାବେ ଇଟା ଭାଟି ପୋଡ଼ାଯାଉଛି। ବ୍ୟାଙ୍କ ମଧ୍ୟରେ ଗୋଟିଏ ଏସି ଯାହା ଶାଖା ପ୍ରବନ୍ଧକଙ୍କ କ୍ୟାବିନରେ ରହିଛି। ତେଣୁ ବ୍ୟାଙ୍କରେ ତାପପ୍ରବାହକୁ ଦୁଇଗୁଣ କରୁଛି ଇଟାଭାଟି ନିଆଁ। ବ୍ୟାଙ୍କକୁ ଆସୁଥିବା ଗ୍ରାହକ ଅସହ୍ୟ ଗରମରେ ଛଟପଟ ହେଉଛନ୍ତି। ଏଥିସହିତ ଏହା ନିକଟରେ ଇଟା ପ୍ରସ୍ତୁତ ପାଇଁ କୁଢ଼କୁଢ଼ ମାଟି ଗଦା ହୋଇଥିବା ଦେଖିବାକୁ ମିଳୁଛି। ସେହିପରି ନରସିଂହପୁର ଅଞ୍ଚଳରେ ମଧ୍ୟ ରାସ୍ତା ପାର୍ଶ୍ୱରେ ଭାଟିଜଳୁଛି। ରାସ୍ତାରେ ଯାତାୟାତ କରୁଥିବା ପଥିକ ଉତ୍ତାପ ଯୋଗୁ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ଦିଗରେ ପ୍ରଶାସନ ଦୃଷ୍ଟିଦେବାକୁ ଦାବି ହୋଇଛି।

# ୬୪ ଗାଁ ଚିହ୍ନଟରେ ସୀମିତ ସୁନାମି ମୁକାବିଲା

କେନ୍ଦ୍ରାପଡ଼ା,୨୭।୪ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲା ପ୍ରାକୃତିକ ବିପର୍ଯ୍ୟୟପ୍ରବଣ । ଏହି ଜିଲାକୁ ପ୍ରତିବର୍ଷ ବନ୍ୟା, ବାତ୍ୟା ସହିତ ସୁନାମି ଭୟ ରହିଛି । ଏପରି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଜିଲା ପ୍ରଶାସନ ପକ୍ଷରୁ ଜନଜୀବନ ସୁରକ୍ଷା ପାଇଁ ଲୋକମାନଙ୍କୁ ସ୍ଥାନାନ୍ତର କରାଯିବା ସାଧାରଣ କଥା ହୋଇଛି। ସମୁଦ୍ର ତଟକ୍ଷୟ ପାଇଁ ସାତଭାୟାର ୫୭୧ ପରିବାର ୮ କି.ମି. ଦୂର ବଗପାଟିଆକୁ ସ୍ଥାନାନ୍ତର ହୋଇଛନ୍ତି। ବରାହିପୁର, ମଗରକନ୍ଦା, ଅଡ଼ସଲ, ଚାରିଘରିଆର ୧୪୮ ପରିବାର ଦୀର୍ଘଦିନ ଧରି ଆବେଦନ ପତ୍ର ଜିଲା ପ୍ରଶାସନକୁ ଦେଇଥିଲେ ମଧ୍ୟ ଅଦ୍ୟାବଧି ସ୍ଥାନାନ୍ତର ପାଇଁ ପ୍ରକ୍ରିୟା ଆରମ୍ଭ ହେଉନାହିଁ । ଏହି ପ୍ରାକୃତିକ ବିପର୍ଯ୍ୟୟକୁ ରୋକୁଥିବା ହେନ୍ତାଳ ବଣ ସୃଷ୍ଟି ଓ ସାମୁଦ୍ରିକ ପ୍ରାଚୀର ନିର୍ମାଣକୁ ଗୁରୁତ୍ୱ ଦେବାକୁ ରାଜ୍ୟ ଓ କେନ୍ଦ୍ର ସରକାର, ଜିଲା ପ୍ରଶାସନକୁ ପରିବେଶବିତ, ବୁଦ୍ଧିଜୀବୀମାନେ ଦୃଷ୍ଟି ଆକର୍ଷଣ କରୁଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା ଅଭିଯୋଗ ହୋଇଛି।

ଏ ସମ୍ପର୍କରେ ସାମାଜିକ କର୍ମୀ ପ୍ରତାପ କୁମାର ପାଢ଼ୀ, ଡା. ପି.ଏନ୍. ଗୌରାଙ୍ଗ, ପରିବେଶବିତ୍ ଲକ୍ଷ୍ମୀଧର ସ୍ୱାଇଁ, ସମରେନ୍ଦ୍ର ମାହାଳି ପ୍ରମୁଖ କହିଛନ୍ତି, ୨୦୦୪ ଡିସେମ୍ବରରେ ଇଣ୍ଡୋନେସିଆ ସମେତ ଭାରତର ତାମିଲନାଡୁ, ଆଣ୍ଡାମାନ ନିକୋବର, କେରଳ, ପଣ୍ଡିଚେରୀ ଓ ଆନ୍ଧ୍ର ଉପକୂଳରେ ସୁନାମିର ପ୍ରଭାବ ପଡିଥିଲା । ଏହାର ଭୟାବହତାକୁ ଦୃଷ୍ଟିରେ ରଖି ମୁକାବିଲା ପାଇଁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଥିଲା । ପ୍ରଥମ ପଦକ୍ଷେପ ସ୍ୱରୂପ ଦେଶ ବ୍ୟାପୀ ସୁନାମିପ୍ରବଣ ଅଞ୍ଚଳ ଚିହ୍ନଟ କରାଯାଇଥିଲା । ଓଡ଼ିଶାରେ ଓସ୍‌ଡମା ପକ୍ଷରୁ ଏହି ଚିହ୍ନଟ କାର୍ଯ୍ୟ ହୋଇଥିବା ବେଳେ କେନ୍ଦ୍ରାପଡ଼ା ଜିଲାରେ ସ୍ଥାନୀୟ ଜଙ୍ଗଲ ବିଭାଗ ସହଯୋଗରେ ତଟବର୍ତ୍ତୀ ମହାକାଳପଡ଼ା ଓ ରାଜନଗର ବ୍ଲକ ଅଞ୍ଚଳର ୬୪ ଗ୍ରାମକୁ ସୁନାମିପ୍ରବଣ ବୋଲି ଓସ୍‌ଡମା ଚିହ୍ନଟ କରିଥିଲା । ସୁନାମୀର ମୁକାବିଲା ପାଇଁ ତଟାଞ୍ଚଳରେ ସାମୁଦ୍ରିକ ପ୍ରାଚୀର ଓ ହେନ୍ତାଳ ବଣ ସୃଷ୍ଟି କରିବାକୁ ସେ ସମୟରେ ପ୍ରସ୍ତାବ ରହିଥିବା ବେଳେ ଏହାର କାର୍ଯ୍ୟକାରିତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଉପାନ୍ତ ଅଞ୍ଚଳର ପ୍ରାୟ ୨ ଲକ୍ଷ ଅଧିବାସୀ ବନ୍ୟା ଓ ସାମୁଦ୍ରିକ ଝଡ଼ ପରି ପ୍ରାକୃତିକ ବିପର୍ଯ୍ୟୟର ଶିକାର ହେଉଥିବା ବେଳେ ସୁନାମିକୁ ନେଇ ଆତଙ୍କିତ ଅବସ୍ଥାରେ ଅଛନ୍ତି । ବିଭିନ୍ନ ସାମୁଦ୍ରିକ ଝଡ ସମୟରେ ସମୁଦ୍ର ଜୁଆର ଜିଲାର ତଟାଞ୍ଚଳ ଡେଇଁ ପ୍ରାୟ ୩ କି.ମି. ଅଞ୍ଚଳକୁ ମାଡିଆସୁଛି । କୌଣସି କାରଣରୁ ସୁନାମି ଆସିଲେ ତଟାଞ୍ଚଳ କ୍ଷୟକ୍ଷତିକୁ ରୋକିବା ସମ୍ଭବ ହେବ ନାହିଁ । ଏହାର ପ୍ରକୋପକୁ କିଛି ମାତ୍ରାରେ ହେନ୍ତାଳ ବଣ କମ୍ କରିପାରେ । ଓଡ଼ିଶାର ତଟବର୍ତ୍ତୀ ଅଞ୍ଚଳର ଭିତ୍ତିଭୂମି ତଦାରଖ ପାଇଁ ୨୦୦୬ରେ ଗୋଆ ଜାତୀୟ ସାମୁଦ୍ରିକ ଗବେଷଣା କେନ୍ଦ୍ରର ବୈଜ୍ଞାନିକ ଡ. ଟି.ଜି. ଜଗତାପ, ଡ. ବି.ସି. ଇନଗୋଲିଓ, ଡ. କେ. ମୁସା ପ୍ରମୁଖ କେନ୍ଦ୍ରାପଡ଼ା ଜିଲା ଗସ୍ତ କରିଥିଲେ । ଭିତରକନିକା ଗସ୍ତରେ ଆସି ତଟାଞ୍ଚଳରେ ଥିବା ହେନ୍ତାଳ ଜଙ୍ଗଲ ଦେଖିବା ପରେ ଏହା ସାମୁଦ୍ରିକ ପ୍ରାଚୀର ଭାବେ ସର୍ବୋତ୍କୃଷ୍ଟ ବୋଲି ସନ୍ତୋଷ ପ୍ରକାଶ କରିଥିଲେ । ଭିତରକନିକାର ବ୍ୟାପକ ହେନ୍ତାଳ ବଣ ସୁନାମି ପ୍ରଭାବରୁ ମୁକ୍ତ କରିପାରିବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିବା ସହ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ତଟବର୍ତ୍ତୀ ସ୍ଥାନରେ ହେନ୍ତାଳ ବଣ ଓ ଆବଶ୍ୟକ ମୁତାବକ ସୁରକ୍ଷା ପ୍ରାଚୀର କରିବାକୁ ପରାମର୍ଶ ଦେଇଥିଲେ । ଇତିମଧ୍ୟରେ ଏହି ଗସ୍ତକୁ ୧୮ ବର୍ଷ ବିତିଥିଲେ ମଧ୍ୟ କେନ୍ଦ୍ରାପଡ଼ା ଜିଲାର ସୁନାମି ମୁକାବିଲା କେବଳ ୬୪ ଗ୍ରାମ ଚିହ୍ନଟରେ ସୀମିତ ହୋଇଛି । ତଟାଞ୍ଚଳକୁ ହେନ୍ତାଳ ଜଙ୍ଗଲ ପରିପୂର୍ଣ୍ଣ କରି ସୁନାମି ଓ ସାମୁଦ୍ରିକ ଝଡ଼ରୁ ସୁରକ୍ଷା ଦେବା ପାଇଁ କୌଣସି ଦୃଢ଼ ପଦକ୍ଷେପ ନିଆଯାଇନାହିଁ । ଅପରପକ୍ଷେ ତଟାଞ୍ଚଳରେ ଥିବା ହେନ୍ତାଳବଣର ଦ୍ରୁତ ଅବକ୍ଷୟ ହୋଇଛି । ଏହି ତଟକ୍ଷୟ ପାଇଁ ସାତଭାୟାର ୫ ରାଜସ୍ୱ ଗ୍ରାମ ଜିଲା ମାନଚିତ୍ରରୁ ଲିଭିଯାଇଛି । ତଟାଞ୍ଚଳରେ କ୍ରମବର୍ଦ୍ଧିଷ୍ଣୁ ଚିଙ୍ଗୁଡି ଘେରି ତଟଦେଶର ପ୍ରାକୃତିକ ପରିବେଶକୁ ଉଜାଡି ଦେଇଛି । ସୁନାମି ଆତଙ୍କରେ ଆତଙ୍କିତ ଜିଲାର ପ୍ରାୟ ୨ ଲକ୍ଷ ଅଧିବାସୀ ମକଦ୍ରିଲ ଓ ଅସୁରକ୍ଷିତ ବାତ୍ୟା ଆଶ୍ରୟସ୍ଥଳ ଭରସାରେ ରହିଥିବା ସେମାନେ କ୍ଷୋଭ ପ୍ରକାଶ କରିଛନ୍ତି । ଏ ସମ୍ପର୍କରେ ଏଡିଏମ୍ ପୀତାମ୍ବର ସାମଲ କହିଛନ୍ତି, ହେନ୍ତାଳବଣ ସୃଷ୍ଟିକୁ ଜିଲା ପ୍ରଶାସନ ଅଧିକ ଗୁରୁତ୍ୱ ଦେଇଛି । ପେଣ୍ଠଠାରେ ଜିଓ ସିନ୍ଥେଟିକ ଟିଉବ ୱାଲ୍ ନିର୍ମାଣ ହୋଇଛି । ଏଥିସହିତ ପ୍ରାକୃତିକ ବିପର୍ଯ୍ୟୟରୁ ରକ୍ଷା ପାଇଁ ସ୍ଥାନୀୟ ଜନସାଧାରଣଙ୍କୁ ସଚେତନ କରାଯାଉଛି ।


କେନ୍ଦ୍ରାପଡା ପେଣ୍ଠ ନିକଟରେ ଥିବା ହେନ୍ତାଳବଣ ।

- ପ୍ରାକୃତିକ ବିପର୍ଯ୍ୟୟ ଆସିଲେ ସ୍ଥାନାନ୍ତର ମନେପଡ଼େ
- ଜିଲାର ୨ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ଅସୁରକ୍ଷିତ
- ସାମୁଦ୍ରିକ ପ୍ରାଚୀର ଓ ହେନ୍ତାଳ ବଣ ପାଇଁ ଥିଲା ପ୍ରସ୍ତାବ

## ଭାଜପା କାର୍ଯ୍ୟକର୍ତ୍ତାଙ୍କୁ ଗୁରୁମନ୍ତ୍ର ଦେଲେ ବୈଜୟନ୍ତ


ବୈଠକରେ କେନ୍ଦ୍ରାପଡ଼ା ଭାଜପା ଲୋକ ସଭା ପ୍ରାର୍ଥୀ ବୈଜୟନ୍ତ ପଣ୍ଡା ଉଦ୍‌ବୋଧନ ଦେଉଛନ୍ତି ।

ମାର୍ଶାଘାଇ,୨୭।୪(ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ମହାକାଳପଡ଼ା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୨୦ନମ୍ବର ଜୋନ ଅଧୀନ ୫ ପଞ୍ଚାୟତ ପଞ୍ଚାୟତର ଭାଜପା କାର୍ଯ୍ୟକର୍ତ୍ତାଙ୍କ ଏକ ବୈଠକ ମାର୍ଶାଘାଇ ନିକଟସ୍ଥ ମଣି ମନ୍ଦିରଠାରେ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରାପଡ଼ା ଭାଜପା ଲୋକସଭା ପାର୍ଥୀ ବୈଜୟନ୍ତ ପଣ୍ଡା ଏଥିରେ ଯୋଗଦେଇ ଆଗାମୀ ନିର୍ବାଚନୀ ବୈତରଣୀ ପାର ହେବା ପାଇଁ ଉପସ୍ଥିତ କର୍ମକର୍ତ୍ତାଙ୍କୁ ଗୁରୁମନ୍ତ୍ର ପ୍ରଦାନ କରିବା ସହ ଗହଗା ପାଟ ଓ ଦଶ ମୌଜି ପାଟରୁ ଜଳ ନିଷ୍କାସନ ସମସ୍ୟା, ସରକାରୀ ଯୋଜନାରେ ଆସୁଥିବା ଅନୁଦାନକୁ ରାଜନୈତିକ ବିଚାରଧାରାରେ ବଣ୍ଟନ କରାଯିବା ତଥା ମେଗା ଜଳସେଚନ ପ୍ରକଳ୍ପରେ ବିଫଳତାକୁ ପ୍ରସଙ୍ଗ କରିବା ପାଇଁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ପାର୍ଥୀ ଦୁର୍ଗା ପ୍ରସନ୍ନ ନାୟକ, ପୂର୍ବତନ ଏମ୍‌ପି ଅର୍ଚ୍ଚନା ନାୟକ, ଜିଲା ଉପସଭାପତି ସଞ୍ଜୟ ରଥ, ସୌଭାଗ୍ୟ ପରିଡ଼ା, ଜିଲା ସମ୍ପାଦକ ମିହିର ସାମଲ, ବିକ୍ରମଦିତ୍ୟ ସାହୁ, ରାଜଲକ୍ଷ୍ମୀ ଦାସ, ପ୍ରକାଶ ପ୍ରଧାନ, ପ୍ରଶାନ୍ତ ସେଠୀ, କଳ୍ପତରୁ ବେହେରା, ଅଖିଳ ମହାପାତ୍ର ଉପସ୍ଥିତ ଥିଲେ। ନିର୍ବାଚନ ମଣ୍ଡଳୀ ପ୍ରଭାରୀ ଅମିତାଭ ସୁଆର ଓ ସଂଯୋଜକ ସରୋଜକାନ୍ତ ନାୟକ ସଭା ପରିଚାଳନା କରିଥିଲେ।

## ଇଣ୍ଡିଆନ ବୁକ୍ ଅଫ୍ ରେକର୍ଡସରେ ପ୍ରମିଳା ପାତ୍ର

କେନ୍ଦ୍ରାପଡ଼ା,୨୭।୪(ଜଗନ୍ନାଥ ଧଳ)

କେନ୍ଦ୍ରାପଡା ବ୍ଲକ ଓସ୍ତପୁର ପଞ୍ଚାୟତ କୁଶଳପୁର ଗ୍ରାମର ପ୍ରଭଞ୍ଜନ ନାୟକଙ୍କ ସ୍ତ୍ରୀ ପ୍ରମିଳା ପାତ୍ର ଇଣ୍ଡିଆନ ବୁକ ଅପ୍ ରେକର୍ଡସରେ ସ୍ଥାନ ପାଇଛନ୍ତି । ସେ ସୀମିତ ସମୟ ମଧ୍ୟରେ ବି ହାପି ଫର ଦିସ୍ ମୋମେଣ୍ଟ, ଦିସ ମୋମେଣ୍ଟ ଇଜ ୟୋର୍ସକୁ ୫୦ ପ୍ରକାର ଭଙ୍ଗୀରେ ଲେଖି ପ୍ରମାଣ ପତ୍ର ପାଇଛନ୍ତି । ଏ ସମ୍ପର୍କରେ ସେ କହିଛନ୍ତି, ବୁକ୍ ଅଫ୍ ରେକର୍ଡସରେ ସ୍ଥାନ ପାଇବା ପାଇଁ ନିଜର କଣ୍ଟେଣ୍ଟ୍ ବାଛିଥିଲେ । ଏନେଇ ବହୁ ପରିଶ୍ରମ ପରେ ସଫଳତା ମିଳିଥିବାରୁ ଖୁସି ଅଛନ୍ତି । ତାଙ୍କର ଏହି କୃତୀତ୍ୱ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେବା ସହ ମାନ୍ୟଗଣ୍ୟ ବ୍ୟକ୍ତିମାନେ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।


ପ୍ରମିଳା ପାତ୍ର

## ବିଳମ୍ବିତ ରାତିରେ ୩ ବଖରା ଜଳିଗଲା


ଅଗ୍ନିକାଣ୍ଡରେ ପୋଡ଼ିଯାଇଥିବା ଘର ।

ପଟ୍ଟାମୁଣ୍ଡାଇ,୨୭।୪(କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଚଉଦକୁଲାଟ ଫାଣ୍ଡି ଗାଙ୍ଗପଡ଼ା ଗ୍ରାମର ଅଶୋକ ଜେନାଙ୍କ ଘରେ ଶୁକ୍ରବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ୩ ବଖରା ପୋଡ଼ି ପାଉଁଶ ହୋଇଯାଇଛି। ଘରେ ଥିବା ଧାନ, ଚାଉଳ, ଟଙ୍କା, ପୋଷାକ ଆଦି ସମସ୍ତ ଆସବାବପତ୍ର ପୋଡ଼ି ଯାଇଛି । ଘରେ ସମସ୍ତେ ଶୋଇଥିବା ବେଳେ ନିଆଁ ଲାଗିଯାଇଥିଲା । ଏ ସମ୍ପର୍କରେ ପଟ୍ଟାମୁଣ୍ଡାଇ ଦମକଳ ବାହିନୀ ଖବର ପାଇ ନିଆଁକୁ ଆୟତ କରିଥିଲେ । ହେଲେ ସେତେବେଳକୁ ଅଶୋକଙ୍କ ୩ ବଖରା ଘର ସମ୍ପୂର୍ଣ୍ଣ ଜଳି ଯାଇଥିଲା । ନିଆଁ ଲାଗିବାର କାରଣ ସ୍ପଷ୍ଟ ହୋଇ ନ ଥିଲେ ମଧ୍ୟ କେହି ବିଳମ୍ବିତ ରାତିରେ ତାଙ୍କ ଘରେ ନିଆଁ ଲଗାଇ ଦେଇଥିବା ସନ୍ଦେହ କରାଯାଉଛି। ଏ ସଂକ୍ରାନ୍ତରେ ଚଉଦକୁଲାଟ ଫାଣ୍ଡିରେ ଲିଖିତ ଅଭିଯୋଗ କରାଯାଇଛି । ଅଶୋକ ଜଣେ ଭୂମିହୀନ ଦିନ ମଜୁରିଆ ହୋଇଥିବା ବେଳେ କେନାଲ ବନ୍ଧ ପାର୍ଶ୍ୱରେ ୩ ବଖରା ଚାଳଛପର ଘର କରି ଦୀର୍ଘ ୨୦ ବର୍ଷ ହେବ ପରିବାର ସହିତ ରହିଆସୁଛନ୍ତି । ତେଣୁ ଅଗ୍ନି ବିପନ୍ନଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ସ୍ଥାନୀୟ ସରପଞ୍ଚ ଅଶ୍ୱିନୀ କୁମାର ପାତ୍ର, ସାମାଜିକ କର୍ମୀ ରଞ୍ଜନ କୁମାର ସାହୁ ଓ ସ୍ଥାନୀୟ ଲୋକମାନେ ଦାବି କରିଛନ୍ତି ।

## ବ୍ରାହ୍ମଣ ସାହି ପଞ୍ଚାୟତରେ ବିଜେଡିର କର୍ମୀ ସମ୍ମିଳନୀ

ରାଜନଗର,୨୭।୪(ଭାସ୍କର ରାଉତରାୟ)

ଚଳିତବର୍ଷ ହେବାକୁ ଥିବା ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ରାଜନଗର ବ୍ଲକ ବ୍ରାହ୍ମଣସାହି ପଞ୍ଚାୟତରେ ବିଜୁ ଜନତା ଦଳର କର୍ମୀ ସମ୍ମିଳନୀ ବଡନାଉକୋଣାଠାରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଜେଡି ସଭାପତି ନିରଞ୍ଜନ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ କର୍ମୀ ସମ୍ମିଳନୀରେ ରାଜନଗର ନିର୍ବାଚନମଣ୍ଡଳୀର ବିଧାନସଭା ପ୍ରାର୍ଥୀ ଧ୍ରୁବ ସାହୁ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶାସନ ସମୟରେ ବିକଶିତ ଓଡ଼ିଶାର ବିଭିନ୍ନ ଚିତ୍ର ଉପସ୍ଥାପନ କରିଥିଲେ। ତୃଣମୂଳସ୍ତରରେ ସଙ୍ଗଠନକୁ ଅଧିକ ମଜଭୁତ କରିବା ପାଇଁ ପଞ୍ଚାୟତ, ୱାର୍ଡ ଓ ବୁଥ କମିଟି ଗଠନ କରିବାକୁ ପରାମର୍ଶ ଦେଇଥିଲେ। ଏହାସହିତ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମକୁ ଅଧିକ କ୍ରିୟାଶୀଳ କରିବାକୁ କହିଥିଲେ। ଏହି କର୍ମୀ ସମ୍ମିଳନୀରେ ବ୍ରାହ୍ମଣସାହି ପଞ୍ଚାୟତ ସଭାପତି ପୂର୍ଣ୍ଣଚନ୍ଦ୍ର ପଡିହାରୀ, ସନ୍ତୋଷ କୁମାର ମହାନ୍ତି, ନରହରି ଜେନା, ବାଲ୍ମିକୀ ସେଠୀ, ମନୋଜ ମଲିକ, ନରେଶ ବେହେରା, ରବିନ୍ଦ୍ର ପଡିହାରୀ, ସମିତିସଭ୍ୟ ରବିନ ମଳିକ ପ୍ରମୁଖ ଯୋଗଦେଇ ଯୋଡ଼ି ଶଙ୍ଖରେ ଲୋକସଭା ପ୍ରାର୍ଥୀ ଅଂଶୁମାନ ମହାନ୍ତି ଓ ବିଧାନସଭା ପ୍ରାର୍ଥୀ ଧ୍ରୁବ ସାହୁଙ୍କୁ ଭୋଟ ଦେବାକୁ ଶପଥ ନେଇଥିଲେ।

## ବଡ଼ମୋହନପୁରରେ ବିଜେଡି ମିଶ୍ରଣ ପର୍ବ


ବିଜେଡିର ମିଶ୍ରଣ ପର୍ବରେ ସାମିଲ ହୋଇଥିବା ନେତା ଓ କର୍ମୀ ।

ପଟ୍ଟାମୁଣ୍ଡାଇ,୨୭।୪(କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ବଡ଼ମୋହନପୁର ପଞ୍ଚାୟତରେ ଆଗାମୀ ସାଧାରଣ ନିର୍ବାଚନରେ ବିଜୟ ପାଇଁ କ୍ଷେତ୍ର ପ୍ରସ୍ତୁତ କରିଛି ବିଜେଡି । ଏହି ପରିପ୍ରେକ୍ଷୀରେ ଦଳ ପକ୍ଷରୁ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ବ୍ଲକ ବିଜେଡି ସଭାପତି କିଶୋର ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ମିଶ୍ରଣ ସମାବେଶରେ ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସବୁବର୍ଗର ଲୋକଙ୍କ ପାଇଁ ବିଭିନ୍ନ ଜନକଲ୍ୟାଣ ଯୋଜନା ଓ ଅନେକ କୋଟି ଟଙ୍କା ବ୍ୟୟରେ ପଟ୍ଟାମୁଣ୍ଡାଇ-ରାଜନଗର ବିକାଶ ପାଇଁ କାର୍ଯ୍ୟକାରୀ ହୋଇଥିବା ବିଭିନ୍ନ ପ୍ରକଳ୍ପ ସମ୍ପର୍କରେ ସୂଚନା ଦେଇ ଉଭୟ ଲୋକସଭା ଓ ବିଧାନସଭା ବିଜେଡି ପ୍ରାର୍ଥୀଙ୍କୁ ଯୋଡି ଶଙ୍ଖରେ ଭୋଟ ଦେବାକୁ ନିବେଦନ କରିଥିଲେ । ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ବିଭିନ୍ନ ବର୍ଗ ସମେତ ଆଞ୍ଚଳିକ ବିକାଶ ବିଜେଡିର ଏକମାତ୍ର ପରିଚୟ ହୋଇଥିବାରୁ ଉଭୟ ପ୍ରାର୍ଥୀଙ୍କୁ ବିଜୟୀ କରିବାକୁ ନିବେଦନ କରିଥିଲେ । ୧୭ନଂ. ଜିଲା ପରିଷଦ ସଦସ୍ୟ ରଞ୍ଜନ ବିଶ୍ୱାଳ, ପୂର୍ବତନ ସରପଞ୍ଚ ରବୀନ୍ଦ୍ର ବେହେରା, ବରିଷ୍ଠ ନେତା ନିମାଇ କର, ପରମାନନ୍ଦ ପଲାଇ ପ୍ରମୁଖ ଭାଷଣ ଦେଇ ମୁଖ୍ୟମନ୍ତ୍ରୀଙ୍କ ହାତମୁଠାକୁ ଟାଣ କରିବାକୁ ନିବେଦନ କରିଥିଲେ । ରବୀନ୍ଦ୍ର ବେହେରା ଧନ୍ୟବାଦ ଦେଇଥିଲେ । ଏଥିରେ କଂଗ୍ରେସ ସମେତ ବିଭିନ୍ନ ଦଳର ନେତା ଓ କର୍ମୀଙ୍କୁ ଦଳୀୟ ଉତ୍ତରୀୟ ପ୍ରଦାନ କରାଯାଇ ବିଜେଡିରେ ସାମିଲ କରାଯାଇଥିଲା ।

## ପୂର୍ବତନ କାର୍ଯ୍ୟନିର୍ବାହୀ ଅଧିକାରୀ ନଳିନୀକାନ୍ତ ବେହେରାଙ୍କ ପରଲୋକ

ରାଜକନିକା,୨୭।୪(ସଞ୍ଜୟ କୁମାର ଦାଶ)



ରାଜକନିକା ବ୍ଲକ କୋରନ୍ଦ ଗ୍ରାମର ନଳିନୀକାନ୍ତ ବେହେରା (୬୪)ଙ୍କ ହୃଦ୍‌ଘାତରେ କଟକସ୍ଥିତ ତାଙ୍କ ବାସଭବନରେ ପରଲୋକ ହୋଇଯାଇଛି। ସେ ଅର୍ବାନ ବିଭାଗରେ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ଅବସର ଗ୍ରହଣ କରିଥିଲେ । ତାଙ୍କ ମରଶରୀର କଟକରୁ ନିଜ ଗ୍ରାମ ରାଜକନିକା କୋରନ୍ଦସ୍ଥିତ ବାସଭବନକୁ ଅଣାଯାଇଥିଲା । ଶେଷ ଦର୍ଶନ ପାଇଁ ତାଙ୍କ ବାସଭବନରେ ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମା, ବର୍ତ୍ତମାନର ଭାଜପା ବିଧାୟକ ପ୍ରାର୍ଥୀ କୃଷ୍ଣ ଚନ୍ଦ୍ର ପଣ୍ଡା, ପ୍ରାକ୍ତନ ପଞ୍ଚାୟତ ସମିତି ଅଧକ୍ଷ କପିଳେନ୍ଦ୍ର ମଲିକ, ସାମାଜିକ କର୍ମୀ ରଞ୍ଜନ ସେଠୀ, ବାସୁଦେବ ମହାନ୍ତି, ଧନେଶର ଧଳ, ପତିତ ପାବନ ବେହେରା, ବିଶକେଶନ ରାଉତ, ସୀତାଂଶୁ ସାହୁ, ରଞ୍ଜନ ଧଳ ପ୍ରମୁଖ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି । ଏକମାତ୍ର ପୁଅ ସମୀର ମୁଖାଗ୍ନି ଦେଇଥିଲେ।

## ଅଭିଯୋଗ ପରେ ସିଡିପିଓଙ୍କ ତଦନ୍ତ

### ବାଲିଆଜୋରି ଅଙ୍ଗନୱାଡି କେନ୍ଦ୍ରରେ ଅବ୍ୟବସ୍ଥା

ପଟ୍ଟାମୁଣ୍ଡାଇ,୨୭।୪(ଅକ୍ଷୟ ବିଶ୍ୱାଳ)

ପଟ୍ଟାମୁଣ୍ଡାଇ ବ୍ଲକ ବିଲିକଣା ପଞ୍ଚାୟତ ଅଧୀନ ବାଲିଆଜୋରି ଗ୍ରାମର ଅଙ୍ଗନୱାଡି କେନ୍ଦ୍ର ନାନା ଅବ୍ୟବସ୍ଥା ମଧ୍ୟରେ ଚାଲିଛି। ଅଙ୍ଗନୱାଡି କର୍ମୀଙ୍କ ମନମାନି ପାଇଁ କୋମଳମତି ଶିଶୁଙ୍କ ପାଠପଢା ବନ୍ଦ ହୋଇଛି । ୩୫ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କ ଉପସ୍ଥାନ ଥିବା ବେଳେ ମାତ୍ର ୨ଜଣ ଛାତ୍ରୀଙ୍କୁ ନେଇ ଚାଲିଛି ଏକ କେନ୍ଦ୍ର। ଗତ ୩ ମାସ ହେବ ଅଙ୍ଗନୱାଡି କେନ୍ଦ୍ରକୁ ଆସୁଥିବା ପାଠ୍ୟ ଉପକରଣ, ଖାଦ୍ୟ ସାମଗ୍ରୀ ବଣ୍ଟନରେ ଅନିୟମିତତା ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ଅଭିଭାବକମାନେ ସିଡିପିଓଙ୍କୁ ଭେଟି ସମ୍ପୃକ୍ତ କର୍ମୀଙ୍କୁ ପରିବର୍ତ୍ତନ ପାଇଁ ଦାବି କରିଛନ୍ତି । ଏ ସଂକ୍ରାନ୍ତରେ ଅଭିଭାବକ ନାରାୟଣ ବେହେରା, ରମେଶ ଚନ୍ଦ୍ର ସାହୁ, ଭୀମସେନ ବେହେରା ପ୍ରମୁଖ ଅଭିଯୋଗ କରିଛନ୍ତି, ଉପରୋକ୍ତ ଅଙ୍ଗନୱାଡି କେନ୍ଦ୍ରର ନିଜସ୍ୱ ଗୃହ ନ ଥିବାରୁ ବାଲିଆଜୋରି ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ ବାରଣ୍ଡାରେ ଚାଲିଛି ଶିଶୁଙ୍କ ଭବିଷ୍ୟତ ଗଢ଼ା। ଗ୍ରାମବାସୀଙ୍କ ପକ୍ଷରୁ ଏକ ଭଡ଼ାଘର ଯୋଗାଇ ଦିଆଯାଇଥିଲେ ମଧ୍ୟ ଅଙ୍ଗନୱାଡି କର୍ମୀ ଜ୍ୟୋତ୍ସ୍ନାରାଣୀ ରାଉତ ବିଦ୍ୟାଳୟ ବାରଣ୍ଡାରେ ପିଲାମାନଙ୍କୁ ବସାଇ ପାଠ ପଢ଼ାଉଛନ୍ତି । ଶିଶୁଙ୍କ ପାଇଁ ଆସୁଥିବା ଦୈନିକ ଖାଦ୍ୟ ସାମଗ୍ରୀ ଓ ପାଠ୍ୟ ଉପକରଣକୁ ନିଜ ଘରେ ରଖୁଛନ୍ତି । ସେ ନିୟମିତ ଅଙ୍ଗନୱାଡି କେନ୍ଦ୍ରକୁ ଆସୁନାହାନ୍ତି । ସେଥିପାଇଁ ଅଭିଭାବକମାନେ ନିୟମିତ କେନ୍ଦ୍ରକୁ ପିଲାମାନଙ୍କୁ ପଠାଉ ନାହାନ୍ତି । ଏହି ଅଭିଯୋଗ ପରେ ପଟ୍ଟାମୁଣ୍ଡାଇ ସିଡିପିଓ ତଦନ୍ତ କରିବାକୁ ଘଟଣାସ୍ଥଳକୁ ଆସିଥିଲେ । ହେଲେ ୨ ଶିଶୁଙ୍କୁ ନେଇ ଚାଲୁଥିବା ଏହି ଅଙ୍ଗନୱାଡି କେନ୍ଦ୍ରକୁ ଦେଖି ଆଶ୍ଚର୍ଯ୍ୟ ହୋଇଥିଲେ । କର୍ମୀଙ୍କ ପାଖରେ ଉପସ୍ଥାନ ପୁସ୍ତିକା ନ ଥିଲା । ଏପରି କି ଯାଞ୍ଚ କମିଟି ପୁସ୍ତିକା, ମାତୃ କମିଟି ପୁସ୍ତିକା, ଦୈନନ୍ଦିନ ଷ୍ଟକ୍ ରେଜିଷ୍ଟର, ଏମ୍‌ଏସ୍‌ପିଓ୍ୱାଇ ପୁସ୍ତିକା ବି ନ ଥିଲା । ଏପରି କି ସେ ସିଡିପିଓଙ୍କ ପ୍ରଶ୍ନର ଉତ୍ତର ଦେଇ ପାରି ନ ଥିଲେ । ସେଠାରେ ଉପସ୍ଥିତ ଥିବା ଅଭିଭାବକ ଓ ଗ୍ରାମବାସୀ ସମସ୍ତ ଘଟଣା ସମ୍ପର୍କରେ ସିଡିପିଓଙ୍କୁ ଅବଗତ କରିଥିଲେ । ଖୁବ୍‌ଶୀଘ୍ର ଏହି ସମସ୍ୟାର ସମାଧାନ ହେବ ବୋଲି ସିଡିପିଓ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇ ଫେରିଥିଲେ ।

## ନୂଆ ବସ୍‌ଷ୍ଟାଣ୍ଡରେ ରହୁନାହିଁ ବସ୍

ଆଳି,୨୭।୪(ବନମାଳୀ ସେନାପତି)

ଦୀର୍ଘ ଦଶନ୍ଧି ଧରି କଟକ-ଚାନ୍ଦବାଲି ରାଜ୍ୟ ରାଜପଥ ଦେଇ ଆଳିରୁ ଦୈନିକ ୫୦ରୁ ଊର୍ଦ୍ଧ୍ୱ ଘରୋଇ ବସ୍ କଟକ ଭୁବନେଶ୍ୱର ଯାତାୟାତ କରୁଛି । ବସ୍‌ରେ ଯିବା ନିମନ୍ତେ ଯାତ୍ରୀମାନେ ଆଳି ଅନ୍ନପୂର୍ଣ୍ଣା ପଡ଼ିଆ ସମେତ ବିଭିନ୍ନ ଛକରେ ବସ୍‌କୁ ଅପେକ୍ଷା କରିଥାନ୍ତି । ବସ୍‌ଗୁଡ଼ିକ ରାଜ୍ୟ ରାଜପଥ ଉପରେ ଠିଆ ହୋଇ ଯାତ୍ରୀମାନଙ୍କୁ ଗନ୍ତବ୍ୟସ୍ଥଳକୁ ନେବା ଆଣିବା କରିଥାନ୍ତି । ଯାତ୍ରୀମାନେ ଯେଉଁଠି ବସ୍ ଚଢିଥାନ୍ତି ସେଠାରେ ଆଶ୍ରୟସ୍ଥଳୀର ବ୍ୟବସ୍ଥା ନ ଥିବାରୁ ଯାତ୍ରୀମାନେ ଖରା, ବର୍ଷା ଓ ଶୀତରେ ବହୁ କଷ୍ଟରେ ଯାତାୟାତ କରିଥାନ୍ତି । ଏହାକୁ ଲକ୍ଷ୍ୟ କରି ଆଳିର କେତେଜଣ ବୁଦ୍ଧିଜୀବୀ ସ୍ଥାନୀୟ ଅଞ୍ଚଳରେ ଏକ ସ୍ଥାୟୀ ବସ୍‌ଷ୍ଟାଣ୍ଡ, ଯାତ୍ରୀ ଆଶ୍ରୟସ୍ଥଳୀ ନିର୍ମାଣ ନିମନ୍ତେ ଦାବି କରିଆସୁଥିଲେ । ଏହାକୁ ଲକ୍ଷ୍ୟ କରି ରାଜ୍ୟ ସରକାର କଟକ-ଚାନ୍ଦବାଲି ମୁଖ୍ୟ ରାସ୍ତାର ଆଳି ଗୌଡ଼ପାଟଣା ନିକଟରେ ଏକ ଅତ୍ୟାଧୁନିକ ବସ୍‌ଷ୍ଟାଣ୍ଡ ନିର୍ମାଣ କରିବା ସହିତ ଯାତ୍ରୀମାନଙ୍କ ନିମନ୍ତେ ସମସ୍ତ ପ୍ରକାର ବ୍ୟବସ୍ଥା କରିଛନ୍ତି । ପୁରୁଷ ଓ ମହିଳା ଯାତ୍ରୀମାନଙ୍କ ନିମନ୍ତେ ଶୌଚାଳୟ ସମେତ ସ୍ୱଚ୍ଛ ପାନୀୟ ଜଳ ଓ ବସ୍‌କୁ ଅପେକ୍ଷା କରିବା ନିମନ୍ତେ ଅପେକ୍ଷାସ୍ଥଳୀ ନିର୍ମାଣ କରାଯାଇଛି । ହେଲେ ଏ ସବୁ ସୁବିଧା ଯାତ୍ରୀମାନଙ୍କ କାମରେ ଲାଗୁନି ।

ଆଳିରୁ ଜିଲା ବାହାରକୁ ଦୈନିକ ୫୦ରୁ ଊର୍ଦ୍ଧ୍ୱ ବସ୍ କଟକ, ଭୁବନେଶ୍ୱର ଯାଉଥିବା ବେଳେ ସେଗୁଡିକ କେବଳ ବସ୍‌ଷ୍ଟାଣ୍ଡକୁ ଗୋଟିଏ ପଟେ ପ୍ରବେଶ କରି ଅନ୍ୟ ପଟେ ନିଜ ଗନ୍ତବ୍ୟସ୍ଥଳକୁ ବାହାରି ଯାଉଛନ୍ତି । କିନ୍ତୁ ଦୀର୍ଘ ବର୍ଷ ହେବ ଯେଉଁଭଳି ଭାବେ ଆଳି ନୂଆବଜାର ଅନ୍ନପୂର୍ଣ୍ଣା ପଡ଼ିଆ ନିକଟରେ ରାଜ୍ୟ ରାଜପଥ ଉପରୁ ବିପଦସଙ୍କୁଳ ଅବସ୍ଥାରେ ଯାତ୍ରୀମାନେ ବସ୍‌କୁ ଅପେକ୍ଷା କରୁଥିଲେ ଏବେ ବି ସେହି ଭଳି ରାସ୍ତା କଡ଼ରେ ନଚେତ୍ କେଉଁ ଦୋକାନ ପିଣ୍ଡାରେ ଠିଆ ହୋଇ ଅପେକ୍ଷା କରୁଛନ୍ତି । ବୁଦ୍ଧିଜୀବୀମାନଙ୍କ କହିବା କଥା ଯଦି ବସ୍‌ଗୁଡ଼ିକ ନୂଆ ବସ୍‌ଷ୍ଟାଣ୍ଡରେ କିଛି ସମୟ ଅଟକି ରୁହନ୍ତା ତେବେ ଯାତ୍ରୀମାନେ ସେଠାରେ ଅପେକ୍ଷା କରନ୍ତେ । ହେଲେ ସେଥିପାଇଁ କୌଣସି ନିୟମ ଲାଗୁ କରାଯାଇ ନାହିଁ । ଅପରପକ୍ଷେ ଦିନକୁ ଦିନ ଗ୍ରୀଷ୍ମପ୍ରବାହ ବୃଦ୍ଧି ପାଉଥିବା ବେଳେ ଲୋକମାନେ ଅସ୍ତବ୍ୟସ୍ତ ହେଉଛନ୍ତି । ଦିନ ୧୧ଟା ପରେ ଅତି ଜରୁରୀ କାମ ନ ଥିଲେ ଘରୁ ବାହାରିବା ଉପରେ ସରକାର ରୋକ୍ ଲଗାଇଛନ୍ତି । ହେଲେ ସେହି ସମୟରେ ଯାତ୍ରୀବାହୀ ବସ୍‌ଗୁଡ଼ିକ ବିନା ବାଧାରେ ଯାତାୟାତ କରୁଛି । ଏହା ଉପରେ ରୋକ୍ ଲଗାଇବାକୁ ସାଧାରଣରେ ଦାବି ହୋଇଛି ।


ରାସ୍ତାକଡ଼ରେ ଅଟକି ଯାତ୍ରୀ ନେଉଥିବା ବସ ।

- ରାସ୍ତା ପାର୍ଶ୍ୱରୁ ଚଢୁଛନ୍ତି ଯାତ୍ରୀ
- ଫାଙ୍କା ପଡିଛି ବସ୍‌ଷ୍ଟାଣ୍ଡ ଯାତ୍ରୀ ଅପେକ୍ଷାସ୍ଥଳୀ

## ସଂକ୍ଷେପରେ

### ଚୋରା ବନ୍ଧୁକ ଜବତ, ଜଣେ ଗିରଫ

ଦଶପଲ୍ଲା,୨୭।୪( ପ୍ରକାଶ କୁମାର ପାଣି)

ଦଶପଲ୍ଲା ବ୍ଲକ ବାଣିଗୋଛା ଥାନା ପୋଲିସ ପକ୍ଷରୁ କେରାରୀ ଗ୍ରାମରେ ଚଢାଉ କରାଯାଇ ଗୋଟିଏ ଚୋରା ବନ୍ଧୁକ ଜବତ କରାଯାଇଛି । ଏହି ଅଭିଯୋଗରେ ସାଇନ ଭୋଇ ନାମକ ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି । ବାଣିଗୋଛା ପୋଲିସ ପକ୍ଷରୁ ଶୁକ୍ରବାର ଉକ୍ତ ଗ୍ରାମରେ ଚଢାଉ କରାଯାଇଥିଲା । ଗିରଫ ଅଭିଯୁକ୍ତଙ୍କୁ ଶନିବାର ଦଶପଲ୍ଲା କୋର୍ଟକୁ ଚାଲାଣ କରାଯାଇଛି । ଣିଗୋଛା ଥାନା ଆଇଆଇସି ଲକ୍ଷଣ ଦଣ୍ଡସେନା ସୂଚନା ଦେଇଛନ୍ତି ଗତ ୪ ମାସରେ ବାଣିଗୋଛା ପୋଲିସ ପକ୍ଷରୁ ୧୦ଟି ବନ୍ଧୁକ ଜବତ କରାଗଲାଣି ।

### ସଡ଼କ ଦୁର୍ଘଟଣାରେ ବଡ଼ ଭାଇ ମୃତ, ସାନ ଆହତ

ଖଣ୍ଡପଡ଼,୨୭।୪
(ଅଜୟ କୁମାର ମହାରଣା)

ଖଣ୍ଡପଡା ବ୍ଲକ ଅଧୀନ ଖଳିସାହି ପଞ୍ଚାୟତର କୋଟପୋଖରୀ ଗ୍ରାମ ନିକଟରେ ଏକ ସଡ଼କ ଦୁର୍ଘଟଣାରେ ବଡ଼ଭାଇ ଅଚ୍ୟୁତ ସାହୁ(୪୦)ଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ସାନଭାଇ ସୋମାନାଥ(୩୨) ଗୁରୁତର ହୋଇଛନ୍ତି । ତାଙ୍କୁ ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି । ଭାପୁର ବ୍ଲକ ଅଧୀନ ଭଗବାନପୁର ଗ୍ରାମର ଅପର୍ତ୍ତି ସାହୁଙ୍କ ୨ପୁଅ ଏକ ବାଇକ୍ ଯୋଗେ କିଆଝର ପଞ୍ଚାୟତ ଅଧୀନ ମଙ୍ଗରାଜପୁର ଗ୍ରାମସ୍ଥିତ ମାମୁ ଘରକୁ ଯାଉଥିବା ବେଳେ ରାସ୍ତା ପାର୍ଶ୍ୱରେ ଥିବା ଏକ ବରଗଛରେ ବାଇକ୍‌ଟି ପିଟି ହୋଇଯାଇଥିଲା । ଫଳରେ ଉଭୟ ରାସ୍ତା କଡକୁ ଛିଟିକି ପଡିଥିଲେ । ସାନ ଭାଇ ଅପର୍ତ୍ତିଙ୍କ ଡ଼ାହାଣ ଗୋଡ ଓ ହାତ ଭାଙ୍ଗି ଯାଇଛି । ଦ୍ରୁତଗତିରେ ବାଇକ ଚାଳନା ଯୋଗୁ ଦୁର୍ଘଟଣା ଘଟିଥିବା ପ୍ରତ୍ୟେକ୍ଷଦର୍ଶୀଙ୍କ ଠାରୁ ପ୍ରକାଶ । ପୋଲିସ ଦୁର୍ଘଟଣାଗ୍ରସ୍ତ ବାଇକ୍‌କୁ ଜବତ କରିବା ସହ ଏ ସମ୍ପର୍କରେ ଏକ ଅପମୃତ୍ୟୁ ମାମଲା ରୁଜୁ କରଛି ।

### ଧର୍ମ ପରାୟଣ ବ୍ୟକ୍ତିଙ୍କ ପରଲୋକ

ଖଣ୍ଡପଡ଼ା,୨୭।୪
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ୍ ଅଧୀନ କଣ୍ଟିଲୋ ପଞ୍ଚାୟତ କୃଷ୍ଣଚନ୍ଦ୍ରପୁରପାଟଣା ଗ୍ରାମର ଧର୍ମପରାୟଣ ବ୍ୟକ୍ତି ସରୋଜ କୁମାର ମହାରଣା (୭୦)ଙ୍କ ଶୁକ୍ରବାର ଅପରାହ୍ନରେ ପରଲୋକ ହୋଇଯାଇଛି । ସେ ଦୀର୍ଘ ଦିନ ହେଲା ଅସୁସ୍ଥ ଥିଲେ । ସେ ଜଣେ ବନ୍ଧୁ ବତ୍ସଳ, ପରୋପକାରୀ ଓ ଧର୍ମପରାୟଣ ବ୍ୟକ୍ତି ଥିଲେ । ତାଙ୍କ ପରଲୋକ ଖବର ପ୍ରଚାରିତ ହେବା ପରେ ଶେଷ ଦର୍ଶନ ପାଇଁ ତାଙ୍କ ବାସ ଭବନରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କର ସମାଗମ ହୋଇଥିଲା । ସ୍ଥାନୀୟ ଶଙ୍ଖତୋଟା ମହାନଦୀ କୂଳ ଶ୍ମଶାନ ଘାଟରେ ତାଙ୍କର ଶେଷକୃତ୍ୟ ସଂପନ୍ନ ହୋଇଥିଲା । ଏକମାତ୍ର ପୁତ୍ର ଜୟନ୍ତ ମୁଖାଗ୍ନି ଦେଇଥିଲେ ।

# ପୁରୁଣା କାମକୁ ଦେଖାଇ ଅର୍ଥ ଆତ୍ମସାତ୍

ନୂଆଗାଁ,୨୭।୪(ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)କାର୍ଯ୍ୟରେ ସ୍ୱଚ୍ଛତା ରହୁ ନ ଥିବା ଅଭିଯୋଗ ହେଉଛି । ମେଶିନରେ କାମ କରିବା , ପୁରୁଣା କାମକୁ ଦେଖାଇ ଅନୁଦାନ ଲୁଟିବା , ସୂଚନା ଫଳକ ନିର୍ମାଣ ନ କରିବା ,ଯୋଜନାର ସମସ୍ତ ନିୟମ କାନୁନକୁ ଉଲ୍ଲଂଘନ କରି ଅନୁଦାନ ଲୁଟିବା ଭଳି ଅନେକ ଅନିୟମିତତା ହେଉଥିବା ଅଭିଯୋଗ ହେଉଛି ।

ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ମାଧ୍ୟମରେ ନୂଆଗାଁ ବ୍ଲକରେ ପ୍ରତିଦିନ ସରକାରୀ ଅନୁଦାନ ହଡପ ହେଉଛି । ଶ୍ରମିକମାନଙ୍କ ଦ୍ୱାରା ଉକ୍ତ କାର୍ଯ୍ୟ କରିବା ନିୟମ ରହିଥିଲା ବେଳେ ତାହା ନ କରି ମେଶିନ ମାଧ୍ୟମରେ କାମ କରି ଶ୍ରମିକମାନଙ୍କ ନାମରେ ଅନୁଦାନ ଲୁଟିବା ଏକ ସାଧାରଣ କଥା ହୋଇଗଲାଣି । ଉକ୍ତ ଯୋଜନାରେ କେଉଁଠି କାମ ନ କରି ବିଲ୍ ହେଉଛି ତ ଆଉ କେଉଁଠି ସୂଚନା ଫଳକ ନ ଥାଇ ବିଲ ହେଉଛି । ପୁଣି କେଉଁଠି ପୁରୁଣା କାମକୁ ଦେଖାଇ ବିଲ୍ କରାଯାଉଛି । ତେବେ ନୂଆଗାଁ ବ୍ଲକରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କାମ କରିବାକୁ ହେଲେ କାର୍ଯ୍ୟ ଅନୁମୋଦନ ପାଇଁ ୧୫ ଶହ ଟଙ୍କା ଓ ବିଲ୍ ପାଇଁ ୨୩ ପ୍ରତିଶତ ପିସି ଦେଲେ ସବୁ ସମ୍ଭବ ହୋଇପାରୁଛି ବୋଲି କେତେଜଣ



ସିମିଳିସାହି ଖେଳ ପଡ଼ିଆ ନିର୍ମାଣର ଅପ୍‌ଲୋଡ ହୋଇଥିବା ଫଟୋ ।

## ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାମରେ ରହୁନି ସ୍ୱଚ୍ଛତା

ଠିକାଦାର ନିଜର ନାମ ଗୋପନ ରଖି କହିଛନ୍ତି । ଶ୍ରମିକଙ୍କ ବଦଳରେ ମେଶିନ ମାଧ୍ୟମରେ ଏମଜିଏନଆରଇଜିଏ କାମ କରି ସରକାରୀସ୍ତରରେ ଭୁଲ ତଥ୍ୟ ଦେଇ ଅନୁଦାନ ଲୁଟ୍ ହେଉଛି । ଶ୍ରମିକମାନେ କାମ କରୁଥିବା ସମୟରେ ୨ଥର ଜିଓ ଟ୍ୟାଗ୍ କରି ଫଟୋ ଅପ୍‌ଲୋଡ କରିବାର ନିୟମ ରହିଥିଲେ ମଧ୍ୟ ତାହା କରାଯାଉ ନାହିଁ । ଜାକେଡା ପଞ୍ଚାୟତ ସିମିଳିସାହି ଖେଳପଡିଆ ନିର୍ମାଣ ହେଉଥିବା କହି ମଷ୍ଟରରୋଲ ବାହାର କରାଯାଉଛି । ସେଥିରେ ଶନିବାର ପଡ଼ିଆରେ ପିଲାମାନେ ଖେଳୁଥିବାର ଫଟୋ ଅପ୍‌ଲୋଡ କରାଯାଇଛି । ସେହିପରି ମଙ୍ଗଳବାର ଅପରାହ୍ନ ୧୨.୩୦ରେ ୪୦ ଡିଗ୍ରୀ ଖରାରେ ଉକ୍ତ ରାସ୍ତା କାର୍ଯ୍ୟ କରାଯାଇଥିବା ନେଇ ମଷ୍ଟରରୋଲ ବାହାର କରାଯାଇଛି ।

କୋରଡା ପଞ୍ଚାୟତ ଗୁଣ୍ଡୁରାବାରୀଠାରୁ ଗହଳମଡା ରାସ୍ତା ନିର୍ମାଣ ପାଇଁ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ୮ଲକ୍ଷ ୧୩ ହଜାର ୭୭୪ ଟଙ୍କା ମଞ୍ଜୁର ହୋଇଛି । ତେବେ ଗ୍ରାମବାସୀଙ୍କ କହିବାନୁସାରେ ସେମାନେ ନିର୍ମାଣ କରିଥିବା ପୁରୁଣା ରାସ୍ତାରେ ମେଶିନ ମାଧ୍ୟମରେ ଅଳ୍ପ କିଛି ମାଟି ପକାଇ ସେହି ପୁରୁଣା ରାସ୍ତାର ଫଟୋ ଅପ୍‌ଲୋଡ କରି ଅନୁଦାନ ଲୁଟ କରାଯାଉଛି । ସିଙ୍ଗାରପଲି ପଞ୍ଚାୟତରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ସୂଚନା ଫଳକରେ ସମ୍ପୂର୍ଣ୍ଣ ସୂଚନା ଲେଖା ଯାଉ ନ ଥିବା ଅଭିଯୋଗ ହେଉଛି । ଏ ନେଇ ବାରମ୍ବାର ଅଭିଯୋଗ ହେଉଥିଲେ ମଧ୍ୟ ନୂଆଗାଁ ଏପିଓ ଅମରେନ୍ଦ୍ର ସାହୁ , ଜିଆରଏସ୍ ଓ ଗାଁ ସାଥୀ ମିଳିମିଶି ଉକ୍ତ ଅନୁଦାନ ଲୁଟିବାରେ ସହଯୋଗ କରୁଥିବାରୁ କେହି ଶୁଣୁ ନାହାନ୍ତି । ଏମଜିଏନଆରଇଜିଏସ୍ କାର୍ଯ୍ୟରେ ସ୍ୱଚ୍ଛତା ବାବଦରେ ନୂଆଗାଁ ବିଡିଓ ବାସୁଦେବ ନାୟକଙ୍କୁ ପଚାରିବାରେ ଏ ସଂକ୍ରାନ୍ତରେ ମୁଁ ଏପିଓଙ୍କ ସହ ଆଲୋଚନା କରିବି ବୋଲି କହିଛନ୍ତି ।

# ପ୍ରଧାନ ସାନିଟାରି ୱାରିୟର୍ସ ଫାଇନାଲରେ

## ନୂଆଗାଁ ପ୍ରିମିୟର ଲିଗ୍ ଏଲିମିନେଟର ମ୍ୟାଚ୍

ନୂଆଗାଁ,୨୭।୪ (ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ନୂଆଗାଁ କଲେଜ ପଡ଼ିଆଠାରେ ଆୟୋଜିତ ହୋଇଥିବା ନୂଆଗାଁ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟର ଏଲିମିନେଟର ମ୍ୟାଚ୍ ଶନିବାର ପ୍ରଧାନ ସାନିଟାରୀ ଓ୍ୟାରିୟର୍ସ ଓ ପଞ୍ଚସଖା କୃଷକ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ପ୍ରଧାନ ସାନିଟାରୀ ଓ୍ୟାରିୟର୍ସ ଦଳ ବିଜୟ ଲାଭ କରି ଫାଇନାଲକୁ ଉତ୍ତୀର୍ଣ୍ଣ ହୋଇଛି ।

ନୂଆଗାଁ ଫ୍ରେଣ୍ଡସ୍ ଇଲେଭେନ କ୍ରିକେଟ କ୍ଲବ (ଏଫ୍‌ଇସିସି) ଦ୍ୱାରା ଆୟୋଜିତ ନୂଆଗାଁ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ ୨୦୨୪ର ଏଲିମିନେଟର ମ୍ୟାଚରେ ପ୍ରଧାନ ସାନିଟାରୀ ଓ୍ୟାରିୟର୍ସ ଓ ପଞ୍ଚସଖା କୃଷକ କ୍ଲବ ମୁହାଁମୁହିଁ ହୋଇଥିଲେ । ଏହି ମ୍ୟାଚରେ ପ୍ରଧାନ ସାନିଟାରୀ ଓ୍ୟାରିୟର୍ସ ଟସ୍ ଜିତି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା । ପଞ୍ଚସଖା କୃଷକ କ୍ଲବ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୫ ଉଇକେଟ ହରାଇ ୧୩୩ ରନ ସଂଗ୍ରହ କରିଥିଲା । ଜବାବରେ ପ୍ରତିପକ୍ଷ ପ୍ରଧାନ ସାନିଟାରୀ ଓ୍ୟାରିୟର୍ସ ଦଳ ୧୧ ଓଭର ୧ ବଲରେ ୫ ଉଇକେଟ ହରାଇ ୧୩୮ ରନ ସଂଗ୍ରହ କରି ବିଜୟ ଲାଭ କରିବା ସହ ଫାଇନାଲ ମ୍ୟାଚକୁ ଉତ୍ତୀର୍ଣ୍ଣ ହୋଇଛି । ଏହି ମ୍ୟାଚରେ ଓଡିଶା ହାଇକୋର୍ଟ ଆଇନଜୀବି ସୁଶାନ୍ତ କୁମାର ପ୍ରଧାନ ଅତିଥି ଭାବେ ଯୋଗ ଦେଇ ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ । ଆଜିର ମ୍ୟାଚ୍‌କୁ ସନ୍ତୋଷ କୁମାର ପ୍ରଧାନ ଓ ଜିତେନ୍ଦ୍ର ଜୟସିଂ ପରିଚାଳନା କରିଥିଲେ । ରବିବାର ପ୍ରଧାନ ସାନିଟାରୀ ଓ୍ୟାରିୟର୍ସ ଦଳ ଓ ଆରବି ଟ୍ୟୁଟରିଆଲ ସୁପର ଦଳ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି ।

# ଆଦିବାସୀ ଇଲାକାରେ ପିଲାଚୋରି ଆତଙ୍କ

## ଚୋର ଧରିବାକୁ ଛକି ବସୁଛନ୍ତି ଲୋକେ

ଓଡ଼ଗାଁ,୨୭।୪
(ଆଦର୍ଶ କୁମାର ପଟ୍ଟନାୟକ)

ଓଡ଼ଗାଁ ଥାନା ବାଣ୍ଟପୁର ପଞ୍ଚାୟତ ଆଦିବାସୀ ଇଲାକା ନିହଲପ୍ରସାଦ, ନାଣ୍ଡିଗିରି, ପୋମାଳଓସ୍ତିଆ ଅଞ୍ଚଳରେ ପିଲାଚୋରିକୁ ନେଇ ଆତଙ୍କ ଖେଳିଯାଇଛି । କିଛିଦିନ ତଳେ ପିଲାଚୋରି ପାଇଁ କିଛି ଅଜଣା ବ୍ୟକ୍ତି ଏହି ଅଞ୍ଚଳରେ ବୁଲୁଥିବା ଲୋକେ ଦେଖିବାକୁ ପାଇଛନ୍ତି । ଚୋର ଧରିବାକୁ ଗାଁ ମୁଣ୍ଡରେ ଛକି ବସୁଛନ୍ତି ଲୋକେ । ମିଳିଥିବା ସୂଚନା ଅନୁଯାୟୀ, ପ୍ରତି ଆଦିବାସୀ ଗାଁରେ ୩ରୁ ୪ଜଣ ଅଜଣା ବ୍ୟକ୍ତି ବୁଲୁଛନ୍ତି । ସେମାନଙ୍କ ଉଚ୍ଚତା ୬ ଫୁଟରୁ ଅଧିକ ବୋଲି ଦେଖେଣାହାରୀ କହୁଥିବା ବେଳେ ଅର୍ଦ୍ଧରାତିରେ ସେମାନେ ଗାଁ ଭିତରେ ପଶୁଥିବା କହିଛନ୍ତି । ସେମାନଙ୍କୁ କିଛି ପଚାରିଲେ ଧାଇଁ ଧାଇଁ ଜଙ୍ଗଲ ଭିତରକୁ ଚାଲି ଯାଉଛନ୍ତି । ସାଙ୍ଗରେ ଏକ ନୀଳ ରଙ୍ଗର ଟର୍ଚ୍ଚ ଲାଇଟ ଆଣି ଆସୁଛନ୍ତି ଓ ହିନ୍ଦିରେ କଥାବାର୍ତ୍ତା କରୁଥିବା ଲୋକେ କହିଛନ୍ତି । ସେମାନଙ୍କୁ ଧରିବାକୁ ପାଳି କରି ଲୋକେ ରାତି ଅନିଦ୍ରା ହୋଇ ଜଗି ବସୁଛନ୍ତି । ଏହା ଗୋଟିଏ ଗାଁର ଘଟଣା ନୁହଁ ଏହି ଚାରିଖଣ୍ଡ ଗାଁରେ ଚୋର ଆତଙ୍କ ଖେଳାଇ ଦେଇଛନ୍ତି । ପ୍ରତି ଗାଁରେ ଲୋକେ ପାଳି କରି ଜଗି ବସୁଥିବା କହିଛନ୍ତି । ଶୁକ୍ରବାର ରାତିରେ ଉକ୍ତ ଗାଁରେ ୩ଜଣ ଅଜଣା ବ୍ୟକ୍ତି ପଶି ଆସିଥିଲେ, ସେମାନଙ୍କୁ କିଛି ପଚାରିବା ପୂର୍ବରୁ ସେମାନେ ଧାଇଁ ଧାଇଁ ଚାଲି ଯାଇଥିବା ଗ୍ରାମବାସୀ କହିଛନ୍ତି । ଆଦିବାସୀମାନେ ହାତରେ ଧନୁତୀର, ଫାର୍ସା, ଟାଙ୍ଗିଆ ଆଦି ମାରଣାସ୍ତ୍ର ଧରି ସେମାନଙ୍କୁ ଗୋଡ଼ାଇଥିବା ମଧ୍ୟ କହିଛନ୍ତି । ତେବେ ଏମାନେ ଅନ୍ୟ ରାଜ୍ୟରୁ ଆସି ଏଭଳି କାଣ୍ଡ ଭିଆଉଥିବା ଆଦିବାସୀ କହିଛନ୍ତି । ପିଲାଚୋରି କରି ନେବା ପାଇଁ ଏମାନେ ଯୋଜନା କରୁଥିବାରୁ ସେମାନଙ୍କୁ ଭୟଭୀତ ପାଇଁ ଆମେ ଏଭଳି କରୁଛୁ ଓ ସନ୍ଦିଗ୍ଧ ଧରାପଡ଼ିଲେ ପୋଲିସ ଜିମା ଦେବୁ ବୋଲି କହିଛନ୍ତି । ଏନେଇ ସ୍ଥାନୀୟ ଆଦର୍ଶ ଥାନା ଅଧିକାରୀ ରଶ୍ମି ରଞ୍ଜନ ସାହୁଙ୍କୁ ପଚାରିବାରେ ତାଙ୍କ ପାଖରେ କୌଣସି ଅଭିଯୋଗ କିମ୍ବା ସୂଚନା ନ ଥିବା କହିଛନ୍ତି । ହେଲେ ସେହି ଅଞ୍ଚଳରେ ପାଟ୍ରୋଲିଂକୁ ବଢାଇବା ବୋଲି କହିଛନ୍ତି ।

## କୋଠାଘରେ ଅଗ୍ନିକାଣ୍ଡ

# ଜଳିଗଲା ୭ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା, ଘର ଉପକରଣ



ନୟାଗଡ଼/ରଣପୁର,୨୭।୪
(ଲୋକନାଥ ମିଶ୍ର/ସୁକାନ୍ତ କିଶୋର ଡାକୁଆ)

ରଣପୁର ତହସିଲ ବଜ୍ରକୋଟ ଗାଁର ଯୋଗୀନାଥ ସାହୁଙ୍କ ଛାତ ଘରେ ନିଆଁ ଲାଗି ଶନିବାର ଅପରାହ୍ନରେ ପ୍ରାୟ ୭ ଲକ୍ଷ ଟଙ୍କା ଘର ଉପକରଣ ଜଳି ଯାଇଛି । ଅଗ୍ନିକାଣ୍ଡର କାରଣ ଜଣାପଡିନି । ଯୋଗୀନାଥ ଘରର ୨ ମହଲାରେ ରୁହନ୍ତି । ଅପରାହ୍ନ ପ୍ରାୟ ୫ଟାରେ ହଠାତ୍ ଅଗ୍ନିକାଣ୍ଡ ଘଟିଥିଲା । ପରିବାର ଲୋକ ଭୟରେ ତଳକୁ ପଳାଇ ଆସିଥିଲେ । ଗ୍ରାମ ମଝିରେ କୋଠାଘର ଜଳୁଥିବା ଦେଖି ଲୋକେ ଭୟଭୀତ ହୋଇ ପଡିଥିଲେ । ଖବର ପାଇ ରଣପୁର ଦମକଳ କେନ୍ଦ୍ରର କର୍ମଚାରୀ ପ୍ରାୟ ୧ ଘଣ୍ଟା ବିଳମ୍ବରେ ପହଞ୍ଚିବାବେଳେକୁ ନିଆଁରେ ଟିଭି, ଫ୍ରିଜ, ଖଟ, ଘର ପରି ଆସବାବପତ୍ର ଜଳି ଯାଇଥିଲା ।

## ଜୁଏଲେରୀରେ ଅଗ୍ନିକାଣ୍ଡ

ନୟାଗଡ଼,୨୭।୪(ଲୋକନାଥ ମିଶ୍ର)

ନୟାଗଡ଼ ତହସିଲ ଇଟାମାଟି ବସଷ୍ଟାଣ୍ଡରେ ଥିବା ମା' ଜୁଏଲେରୀରେ ଶୁକ୍ରବାର ଭୋରରେ ଅଗ୍ନିକାଣ୍ଡରୁ ୩ଟି ବାଇକ୍ ଜଳି ଯାଇଛି । ଜୁଏଲେରୀ ଆଗରେ ହୋଇଥିବା ଡେକୋରେଶନ ପୋଡ଼ିଯାଇଛି । ବିଦ୍ୟୁତ୍ ଶର୍ଟସର୍କିଟରୁ ଅଗ୍ନିକାଣ୍ଡ ଘଟିଥିବା ପ୍ରକାଶ ।

## ଜଙ୍ଗଲରେ ନିଆଁ ନ ଲଗାଇବାକୁ ସଚେତନତା

ପାରଳାଖେମୁଣ୍ଡି, ୨୭।୪ (ଗିରିଧାରୀ ପରିଛା)

ଦିନକୁ ଦିନ ଗ୍ରୀଷ୍ମପ୍ରବାହ ଯୋଗୁଁ ତାପମାତ୍ରା ବଢି ଚାଲିଥିବା ବେଳେ ଏହାକୁ ତାଳ ଦେଇ ଜଙ୍ଗଲରେ ନିଆଁ ଲାଗୁଥିବା ବଢି ବଢି ଚାଲିଛି । ଗଜପତି ଜିଲାରେ ବିଗତ ଏକ ସପ୍ତାହରୁ ଉର୍ଦ୍ଧ୍ୱ ହେବ ତାପମାତ୍ରା ୪୧ଡିଗ୍ରୀରୁ ଅଧିକ ରହୁଥିବା ବେଳେ ପଣିପାଗ ବିଭାଗ ପକ୍ଷରୁ ଅରେଞ୍ଜ ଏଲର୍ଟ ସତର୍କ କରାଯାଇଛି । ପାରଳାଖେମୁଣ୍ଡି ବନଖଣ୍ଡ ପକ୍ଷରୁ ସୂଚନା ମିଳିଛି ଯେ, ପାରଳାଖେମୁଣ୍ଡି ବନଖଣ୍ଡଠାରେ ଗତ ଫେବୃଆରୀ ମାସ ପ୍ରାରମ୍ଭରୁ ଆଜି ପର୍ଯ୍ୟନ୍ତ ମୋଟ ୭୩୬୫ ଟି ସ୍ଥାନରେ ନିଆଁ ଲାଗିଥିବା ବେଳେ ସେଥିମଧ୍ୟରୁ ୬୦୧ଟି ସ୍ଥାନରେ ଜଙ୍ଗଲ ଭିତରେ ନିଆଁ ଲାଗିଥିବା ବେଳେ ୧୩୪ଟି ସ୍ଥାନରେ ଜଙ୍ଗଲ ବାହାରେ ନିଆଁ ଲାଗିଥିବା ଜଣାପଡିଛି । ପାରଳାଖେମୁଣ୍ଡି ବନଖଣ୍ଡ ଅଧିକାରୀ ଏସ.ଆନନ୍ଦ କହିଛନ୍ତି ଯେ ଯେଉଁସବୁ ସମ୍ବେଦନଶୀଳ ସ୍ଥାନ ରହିଛି ସେଠାରେ ୨୪ ଘଣ୍ଟିଆ କଡ଼ା ପାଟ୍ରୋଲିଂ କରାଯାଉଛି । ଏହିସବୁ ନିଆଁକୁ ବନ ବିଭାଗ ଦ୍ୱାରା ନିୟନ୍ତ୍ରଣ କରାଯାଇଛି । ବିଭିନ୍ନ ଦୁର୍ଗମ ସ୍ଥାନଗୁଡିକରେ ମୋଟ ୧୨୦ଜଣ ସୁରକ୍ଷା କର୍ମୀ ନିଯୁକ୍ତି କରାଯାଇଛି ।

# ବାଇକ୍ ଚୋରି ଅଭିଯୁକ୍ତ ଜେଲ ଗଲେ

ଦିଗପହଣ୍ଡି,୨୭।୪(ଅଶେଷ ନାଥ ମିଶ୍ର):

ଦିଗପହଣ୍ଡି ବ୍ଲକ ମଙ୍ଗରାଜପୁର ଗ୍ରାମର ସିଦ୍ଧାନ୍ତ ନାଇକଙ୍କୁ ଦିଗପହଣ୍ଡି ପୋଲିସ ଶନିବାର ବାଇକ ଚୋରି ମାମଲାରେ ଗିରଫ କରି କୋର୍ଟ ଚାଲାଣ କରିଛି । ଥାନା ମାମଲା ନଂ.୧୯୧/୨୪ ଅନୁଯାୟୀ ଜାମିନ ଆବେଦନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବ ଜେଲ ହାଜତକୁ ପଠାଇ ଦିଆଯାଇଛି । ଗତ ୨୨ ତାରିଖରେ ଦିଗପହଣ୍ଡି ବ୍ଲକ ପଦ୍ମନାଭପୁର ଗ୍ରାମରେ ମା' ଠାକୁରାଣୀଙ୍କ ଯାତ୍ରା ଚାଲିଥିବା ବେଳେ ଗ୍ରାମର ମୁଖ୍ୟରାସ୍ତା ନିକଟ ପାତ୍ର ସାହିରୁ ପ୍ରଶାନ୍ତ କୁମାର ଦାସଙ୍କ ବାଇକ (ଓଆର ୦୭ଏମ-୩୭୩୨) ଚୋରି ହୋଇଯାଇଥିଲା । ସେ ଥାନାରେ ଏତଲା ଦେବା ପରେ ପୋଲିସ ମକଦ୍ଦମା ରୁଜୁ କରି ସିସିଟିଭି ଫୁଟେଜ ଯାଞ୍ଚ କରିବାରୁ ଅଭିଯୁକ୍ତଙ୍କୁ ଚିହ୍ନଟ କରାଯାଇଥିଲା । ପୋଲିସ ଶନିବାର ଅଭିଯୁକ୍ତଙ୍କୁ ତାଙ୍କ ଗ୍ରାମରୁ ଗିରଫ କରିବା ସହ ତାଙ୍କ ନିକଟରୁ ଚୋରି ଯାଇଥିବା ବାଇକକୁ ଜବତ କରିଥିବା ଜଣାପଡିଛି ।

# ବାପାଙ୍କ ଘରେ ମା'ଠାକୁରାଣୀ କରୁଛନ୍ତି ଲୀଳା

ଦାରିଙ୍ଗବାଡି,୨୭।୪ (ଅରୁଣ ସାହୁ)

- ଠାକୁରାଣୀ ଯାତ୍ରା ପାଇଁ ଦାରିଙ୍ଗବାଡ଼ି ଉତ୍ସବମୁଖର
- ସନ୍ଧ୍ୟାରେ ବିରାଟ ପଟୁଆରରେ ଘଟ ପରିକ୍ରମା

ଦାରିଙ୍ଗବାଡ଼ିରେ ମା'ଠାକୁରାଣୀଙ୍କ ଚୈତ ପର୍ବ ବଡ଼ ଧୁମଧାମରେ ପାଳନ କରାଯାଉଛି । ବାପା ଘରକୁ ମା'ଠାକୁରାଣୀ ଆସିଥିବା ବେଳେ ବାପା ଓ ମା'ଙ୍କ ସହ ପ୍ରତିଦିନ ଖୁବହସ ଖୁସିରେ ଦିନ କାଟୁଛନ୍ତି । ଏଭଳି ୧୫ ଦିନ ମା ଠାକୁରାଣୀଙ୍କ ପର୍ବ ଜାରି ରହିବାକୁ ଥିବା ବେଳେ ପ୍ରତିଦିନ ମା' ଠାକୁରାଣୀ ଗାଁ ବୁଲୁଛନ୍ତି ପ୍ରଥମଦିନ ବୁଧବାର ମା'ଙ୍କ ଘଟ ଏ. ଡକେବାଡ଼ି ପରିକ୍ରମା କରିଥିବା ବେଳେ ସେଠାରେ ବଡ଼ ଧୂମଧାମରେ ମା'ଙ୍କ ପୂଜାର୍ଚ୍ଚନା କରାଯାଇଥିଲା । ଗୁରୁବାର ମା'ଙ୍କୁ ମଣ୍ଡପରେ ପୂଜାର୍ଚ୍ଚନା କରାଯାଇଥିବା ବେଳେ ଘଟ ପରିକ୍ରମା ବନ୍ଦ ରହିଥିଲା । ଶୁକ୍ରବାର ନୀଳକନ୍ଦର ସାହି ବାସିନ୍ଦା ବିରାଟ ପଟୁଆରରେ ମା'ଠାକୁରାଣୀ ମଣ୍ଡପକୁ ଆସି ନିମନ୍ତ୍ରଣ କରି ଡାକିନେଇଥିଲେ । ମା'ବିରାଟ ପଟୁଆରରେ ବାହାରି ନୀଳକନ୍ଦର ସାହିରେ ପହଞ୍ଚିଥିଲେ ସେଠାରେ ଏକ ଅସ୍ଥାୟୀ ମଣ୍ଡପରେ ସାହିବାସିନ୍ଦା ପୂଜାର୍ଚ୍ଚନା କରିଥିଲେ ବିଳମ୍ବିତ ରାତିରେ ସେଠାରୁ ପୁଣି ମା'ଠାକୁରାଣୀ ନିଜ ମଣ୍ଡପକୁ ଫେରିଥିଲେ । ଶାନ୍ତି ଶୃଙ୍ଖଳାରେ ଯାତ୍ରା ଅନୁଷ୍ଠିତ ହେଉଥିବା ବେଳେ ପ୍ରତିଦିନ ବିଭିନ୍ନ ବେଶଧାରୀ ବୁଲୁଥିବା ଓ ମେଲୋଡି, ଅପେରା, ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରିବାକୁ ପରିଚାଳନା କମିଟି ଲକ୍ଷ ରଖିଥିବା କୁହାଯାଇଛି । ସେହିପରି ଶନିବାର କୁମ୍ଭବଜାର ପକ୍ଷରୁ ମା'ଠାକୁରାଣୀଙ୍କୁ ନିମନ୍ତ୍ରଣ କରାଯାଇଥିବା ବେଳେ ବାଲାଙ୍ଗିରରୁ ଆସିଥିବା ଦୁଲ ଦୁଲୀ ବାଦ୍ୟ ଯନ୍ତ୍ରରେ ଦାରିଙ୍ଗବାଡି ପ୍ରକମ୍ପିତ ହୋଇଥିଲା । ସେହିପରି ମେଲୋଡି ଓ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା କୁମ୍ଭ ବଜାର ଏବଂ ନୀଳକନ୍ଦର ସାହି ବାସିନ୍ଦା ସମେତ ମା'ଠାକୁରାଣୀ ଯାତ୍ରା ପରିଚାଳନା କମିଟି ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।



ଠାକୁରାଣୀ ଯାତ୍ରାରେ ଘଟ ପରିକ୍ରମା କରାଯାଉଛି ।

# ଶ୍ରୀରାମ, ଲକ୍ଷ୍ମଣ ଓ ଅଷ୍ଟ ସେନାଧକ୍ଷଙ୍କ ଯୁଦ୍ଧଯାତ୍ରା

## ଓଡ଼ଗାଁ ଶ୍ରୀରାମନବମୀ ଯାତ୍ରାର ନବମ ସନ୍ଧ୍ୟା

ଓଡ଼ଗାଁ,୨୭।୪
(ଆଦର୍ଶ କୁମାର ପଟ୍ଟନାୟକ)

ଶୁକ୍ରବାର ସୁବଳୟା ପର୍ବତ ଉପରେ ପ୍ରଭୁ ଶ୍ରୀରାମ ଅଷ୍ଟସେନାଧକ୍ଷଙ୍କ ସହିତ ଯୁଦ୍ଧ ପ୍ରସ୍ତୁତି ସହିତ ନିଶ୍ଚିତ ବିଜୟ ନିମନ୍ତେ ଶନିବାର ସନ୍ଧ୍ୟାରେ ଯୁଦ୍ଧା ଯାତ୍ରା ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଛନ୍ତି । ସବୁରି ମୁହଁରେ ଗୋଟିଏ କଥା ପ୍ରବଳ ପ୍ରତାପୀ ଦଶାନନର ଅନ୍ତ ହେବ । ଦଶଦିନ ବ୍ୟାପୀ ଯାତ୍ରାର ଏହି ସନ୍ଧ୍ୟାରେ ଅଗଣିତ ଭକ୍ତରଙ୍କ ମୁହଁରୁ ଏହା ହିଁ ସ୍ୱତଃ ବାହାରି ଆସୁଥିଲା । ପ୍ରଭୁ ଶ୍ରୀରାମ କୋଦଣ୍ଡ ଧାରଣ କରି ପରମଭକ୍ତ ବୀର ହନୁମାନଙ୍କ କାନ୍ଧରେ ବସି ଯୁଦ୍ଧା ଯାତ୍ରା କରୁଥିବା ବେଳେ ମିତ୍ର ବିଭୀଷଣ ପାର୍ଶ୍ୱରେ ରହି ପରାମର୍ଶ ଦେଇଛନ୍ତି । ଏପରିସ୍ଥଳେ ଅନୁଜ ଲକ୍ଷ୍ମଣ ଯୁବରାଜ ଅଙ୍ଗଦଙ୍କ କାନ୍ଧରେ ବସି ଅନୁରୂପ ଢଙ୍ଗରେ ରଣହୁଙ୍କାର ଦେଉଥିବା ଦୃଶ୍ୟ ଭକ୍ତଙ୍କ ମନରେ ଉଲ୍ଲାସ ଆଣିଛି । ବେନି ଧନୁର୍ଦ୍ଧର ଭ୍ରାତା ଶ୍ରୀରାମ ଓ ଲକ୍ଷ୍ମଣଙ୍କ ଉଭୟ ପାର୍ଶ୍ୱରେ ଅଷ୍ଟ ସେନାଧକ୍ଷ ସମରସଜ୍ଜାରେ ଦଣ୍ଡାୟମାନ । ଶ୍ରୀରଘୁନାଥ ଲଙ୍କା ଆକ୍ରମଣ ପୂର୍ବକ ରାବଣଙ୍କୁ ନିଧନ କରିବା ପରେ ମା'ଜାନକୀଙ୍କୁ ଉଦ୍ଧାର କରିବେ ଏବଂ ଅଯୋଧ୍ୟାବାସୀଙ୍କ ସମେତ ଅଗଣିତ ସନ୍ତାନ ମା'ଙ୍କୁ ଫେରି ପାଇବେ । ରାବଣ ନିଧନ ସହିତ ପ୍ରଭୁ ବିଭୀଷଣଙ୍କୁ ଲଙ୍କାରେ ଅଧିଷ୍ଠିତ କରିବା ପରେ ନିଜର ୧୪ ବର୍ଷ ବନବାସ ସମାପ୍ତ କରି ଅଯୋଧ୍ୟା ଫେରିବେ । ଏହା ସହିତ ରବିବାର ଚଳିତ ବର୍ଷର ଦଶ ଦିନ ବ୍ୟାପୀ ଶ୍ରୀରାମ ନବମୀ ଯାତ୍ରାର ଶେଷ ସନ୍ଧ୍ୟାରେ ପ୍ରଭୁ ରାଜାଭିଷେକ ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେବେ । ଏତଦବ୍ୟତୀତ ବିଳମ୍ବିତ ରାତିରେ ଶ୍ରୀରଘୁନାଥ ଭଜନ କମିଟି ଓ ରାବଣ ପୋଡି କମିଟି ଦ୍ୱାରା ଆତସବାଜି ଉତ୍ସବ ସହିତ ରାବଣ ପୋଡ଼ି କରାଯାଇଥିଲା । ପ୍ରାୟ ୩୦ ଫୁଟ ଉଚ୍ଚର ଦଶାନନଙ୍କୁ ଶ୍ରୀରାମ ବାଣ ନିକ୍ଷେପ କରିବା ପରେ ତାହା ଧରାଶାୟୀ ହୋଇଥିଲା । ଏହି ଉତ୍ସବ ଦେଖିବାକୁ ଲୋକଙ୍କ ମଧ୍ୟରେ ପ୍ରବଳ ଆଗ୍ରହ ପ୍ରକାଶ ପାଇଥିଲା । ଏଥି ନିମନ୍ତେ ପୋଲିସ ବନ୍ଦୋବସ୍ତ କରାଯାଇଥିବା ବେଳେ ଶାନ୍ତି ଶୃଙ୍ଖଳା ରକ୍ଷା କରିବାକୁ ଉଦ୍ୟମ କରାଯାଇଥିଲା ।



ଓଡ଼ଗାଁ ଶ୍ରୀରଘୁନାଥ ଜୀଉଙ୍କ ଯୁଦ୍ଧ ଯାତ୍ରା ବେଶ ।

